## ଆଜି କ'ଣ କେଉଁଠି

ଭଦ୍ରକ
ପଞ୍ଚାୟତିରାଜ ଦିବସ ପାଳନ, ସ୍ଥାନ: ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।

## ସଂକ୍ଷେପରେ

### ଡାକ୍ତରଖାନାରେ ଭର୍ତ୍ତି ହେଲେ ଅନଶନକାରୀ

**ବନ୍ତ,୪।୩(ଡି.ଏନ.ଏ.):** ବନ୍ତ ବ୍ଲକ ଟିଲୋ ପଞ୍ଚାୟତର ସମିତିସଭ୍ୟା ତଥା କଣ୍ଟାପଡ଼ା ଗ୍ରାମର ସୁପ୍ରଭା ଦାସ ଗତ ୧୭ ତାରିଖରୁ ଜାତିଗତ ପ୍ରମାଣପତ୍ର ଦାବିରେ ତହସିଲ ଅଫିସ୍ ସମ୍ମୁଖରେ ପରିବାର ବର୍ଗଙ୍କ ସହ ଧାରଣା ଦେଇଥିଲେ। ମଙ୍ଗଳବାରଠାରୁ ସେ ଆମରଣ ଅନଶନ କରିଥିଲେ। ବୁଧବାର ଅନଶନ ସ୍ଥଳରେ ସେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ସମିତିସଭ୍ୟା ଦାସ ୨୦୧୭ରେ ଅନୁସୂଚିତ ଉପଜାତିର ପ୍ରମାଣପତ୍ର(ମାନୁଆଲ) ହାସଲ କରି ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲଢ଼ିଥିଲେ। ପରେ ସେ ଅନ୍‌ଲାଇନରେ ଜାତିଗତ ପ୍ରମାଣପତ୍ର ପାଇବା ନେଇ ଆବେଦନ କରିଥିଲେ । ୩ ବର୍ଷ ହେବ ତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଉ ନ ଥିବା ସେ ଅଭିଯୋଗ କରି କରି ଧାରଣାରେ ବସିଥିଲେ। ମଙ୍ଗଳବାର ଜିଲା ମଙ୍ଗଳ ଅଧିକାରୀ ପ୍ରଦୀପ୍ତ ଜେନା, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସାୱାନା ମାଝୀ ସେଠାରେ ପହଞ୍ଚି ତାଙ୍କ ସହ ଆଲୋଚନା କରିଥିଲେ। ଆଲୋଚନାରେ କୌଣସି ସମାଧାନର ବାଟ ନ ଫିଟିବାରୁ ସମିତିସଭ୍ୟା ଅନଶନ ଜାରି ରଖିଥିଲେ। ବୁଧବାର ପୂର୍ବାହ୍ନରେ ସେ ଅଚେତ ହୋଇପଡ଼ିବାରୁ ପୋଲିସ ପକ୍ଷରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା।

### ପ୍ରତିଷ୍ଠା ହେଲା ଦଧିବାମନଜୀଉ ମନ୍ଦିର

**ଭଦ୍ରକ ଅଫିସ,୪।୩:** ଚାନ୍ଦବାଲି ବ୍ଲକ ଘଣ୍ଟେଶ୍ୱରସ୍ଥିତ ଷେଣଗଡ଼ା ଗ୍ରାମରେ ଶ୍ରୀଦଧିବାମନଜୀଉଙ୍କ ନୂତନ ମନ୍ଦିର ପ୍ରତିଷ୍ଠା ହୋଇଛି। ଏହି ଅବସରରେ ଶ୍ରୀମଦ୍ ଭାଗବତ ପାରାୟଣର ଶୁଭାଧିବାସ ଆରମ୍ଭ ହୋଇଛି। ଆସନ୍ତା ୧୨ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ଚାଲୁ ରହିବ। ବୈଦିକ ପରମ୍ପରା ଅନୁସାରେ ଶ୍ରୀମଦ୍ ଭାଗବତ ପାରାୟଣ, ପ୍ରବଚନ, ନାମସଂକୀର୍ତ୍ତନ, ବିଶ୍ୱଶାନ୍ତି ଯଜ୍ଞ, ମନ୍ଦିର ପ୍ରତିଷ୍ଠା, ମହାପ୍ରଭୁଙ୍କ ସିଂହାସନ ବିଜେ ହୋଇ ଯଜ୍ଞର ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପୁରୀ ଝାଞ୍ଜପିଟା ମଠର ମହନ୍ତ ସଚ୍ଚିଦାନନ୍ଦ ଦାଶ ବାବାଜି ମହାରାଜଙ୍କ ନେତୃତ୍ୱରେ ସମସ୍ତ କାର୍ଯ୍ୟ ସମ୍ପାଦନ ହେବ।

### ବେଆଇନ ଇଟାଭାଟିକୁ ଭାଙ୍ଗିଲା ପ୍ରଶାସନ

**ବନ୍ତ,୪।୩(ଡି.ଏନ.ଏ./ସ୍ୱ.ପ୍ର.):** ବନ୍ତ ବ୍ଲକ ଗୋପିନାଥପୁରଠାରେ ସାଳନ୍ଦୀ ନଦୀ କୂଳରେ ବେଆଇନ ଭାବେ ଚାଲୁଥିବା ଇଟାଭାଟିକୁ ବୁଧବାର ବନ୍ତ ତହସିଲ ପ୍ରଶାସନ ପକ୍ଷରୁ ଭାଙ୍ଗି ଦିଆଯାଇଛି। ଗୋଟିଏ ଭାଟିକୁ ଭାଙ୍ଗିବା ପରେ ସ୍ଥାନୀୟ ଲୋକେ ପହଞ୍ଚି ତହସିଲଦାର ଇନ୍ଦିରା ସାହୁଙ୍କୁ ନ ଭାଙ୍ଗିବାକୁ ଅନୁରୋଧ କରିଥିଲେ। ସେମାନଙ୍କ ସହିତ ଆଲୋଚନା ହୋଇ ନିଲାମ କରାଯାଇ ଟଙ୍କା ପୈଠ କରିବା ପରେ ଇଟାଭାଟି ଚାଲିବ ବୋଲି ଲିଖିତ ଭାବେ ସ୍ଥାନୀୟ ଲୋକେ ଜଣାଇଥିଲେ। ପରେ ପ୍ରଶାସନ ପକ୍ଷରୁ ଇଟାଭାଟି ଭଙ୍ଗା ବନ୍ଦ କରାଯାଇଥିଲା।

# ସମ୍ପର୍କ ଯୋଡ଼େ ଫଗୁଖେଳ

**ଭଣ୍ଡାରିପୋଖରୀ, ୪।୩(ଡି.ଏନ.ଏ.)**

## ଆଜିଠୁ ଭଣ୍ଡାରିପୋଖରୀ ମୁନ୍‌ସୀ ମେଳଣ



ମେଳଣ ପାଇଁ ସଜେଇ ହୋଇଛି ଭଣ୍ଡାରିପୋଖରୀ ଥାନା।

ଭଦ୍ରକ ଜିଲାର ପ୍ରସିଦ୍ଧ ଭଣ୍ଡାରିପୋଖରୀ ମୁନସୀ ମେଳଣ ଗୁରୁବାରଠାରୁ ଆରମ୍ଭ ହେବ। ଦୁଇଦିନ ଧରି ଏହି ମେଳଣ ଚାଲିବ। ଏ ନେଇ ପୋଲିସ ଓ ମୁନସୀ ମେଳଣ କମିଟି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଛି। ଫଗୁ ରଙ୍ଗରେ ଭିଜିବେ ରାଧାଗୋବିନ୍ଦଜୀଉ ଠାକୁର। ଭିଜିବ ଭକ୍ତ, ଦେଖଣାହାରୀଙ୍କ ଦେହ ଓ ମନ। ଏହି ମେଳଣକୁ ୩୦ରୁ ଊର୍ଦ୍ଧ୍ୱ ରାଧାକୃଷ୍ଣ ସୁସଜ୍ଜିତ ବିମାନରେ ଆଟୋପ ଶୋଭାଯାତ୍ରାରେ ମଣ୍ଡପକୁ ଆସିଥାନ୍ତି। ଭଣ୍ଡାରିପୋଖରୀ ଥାନା ପରିସରରେ ହେଉଥିବା ଏହି ମେଳଣ ଅଞ୍ଚଳର ମୁଖ୍ୟ ମେଳଣ ଭାବେ ପରିଚିତ। ଏହି ମେଳଣରେ ଫଗୁ ଖେଳ ପୋଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସମ୍ପର୍କ ଯୋଡ଼ିଥାଏ।

ଉଲ୍ଲେଖନୀୟ ଯେ, ବ୍ରିଟିଶ ଶାସନ ସମୟରୁ ମୁନସୀମାନଙ୍କ ଦ୍ୱାରା ଏହି ପର୍ବ ଆରମ୍ଭ ହୋଇଥିବାରୁ ଏହାର ନାମ ମୁନସୀ ମେଳଣ ରହିଛି। ମେଳଣକୁ ଦେଖିବା ପାଇଁ କେବଳ ଭଣ୍ଡାରିପୋଖରୀ ନୁହେଁ ଆଖପାଖ ବନ୍ତ, ଧାମନଗର ବ୍ଲକ ସହ ପଡ଼ୋଶୀ ଯାଜପୁର ଜିଲାରୁ ବହୁ ଲୋକ ଛୁଟି ଆସନ୍ତି। ୧୯୪୨ ଅଗଷ୍ଟ ୧୭ରେ ଭାରତଛାଡ଼ ଆନ୍ଦୋଳନରେ ଭଣ୍ଡାରିପୋଖରୀ ଥାନାକୁ ପୋଡ଼ି ଦିଆଯାଇଥିଲା। ଥାନା ପୋଡ଼ି ଘଟଣା ପରେ ମୁନସୀ ଓ ସାଧାରଣ ଜନତାଙ୍କ ସହ ସମ୍ପର୍କ ରକ୍ଷା ପାଇଁ ୧୯୪୩ରେ ଥାନା ପରିସରରେ ଆରମ୍ଭ ହୋଇଥିଲା ଏହି ମେଳଣ। ଚଳିତବର୍ଷ ଚୈତ୍ରମାସ ଏକାଦଶୀ ଓ ଦ୍ୱାଦଶୀ ତିଥିରେ ଏହି ପର୍ବ ପାଳନ ହେବାକୁ ଯାଉଛି। ରାଧାଗୋବିନ୍ଦଜୀଉ ମେଳଣର ମୁଖ୍ୟ ଠାକୁର। ମେଳଣକୁ ଅଧିକ ଆକର୍ଷଣୀୟ ପାଇଁ ଥାନା ଓ କମିଟି ପକ୍ଷରୁ ଦୁଇଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ମେଳଣର ଗୋଟିଏ ଦିନ ପୋଲିସ, ସାଧାରଣ ଜନତା ନିମନ୍ତ୍ରିତ ଠାକୁର ଓ ଭକ୍ତମାନଙ୍କ ସହ ମିଶି ଫଗୁ ଖେଳିଥାନ୍ତି। ମେଳଣ କମିଟିରେ ସଭାପତି ଲକ୍ଷ୍ମୀଧର ନାୟକ ଓ ସମ୍ପାଦକ ଭାବେ ଥାନାଧିକାରୀ ସନାତନ ସାହୁ ଦାୟିତ୍ୱ ତୁଲାଉଛନ୍ତି। ମଣ୍ଡପରେ ବିଜେ କରିଥିବା ବିମାନ ଆଗରେ ଥାନା ପକ୍ଷରୁ ଭୋଗ ଲଗାଯାଇ ବିଦାୟ ଦେବା ପରମ୍ପରା ରହିଛି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖରେ ହରିନାମ**
**ରାତିରେ ଚୋରିକାମ ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହରିନାମ ଗାଇ କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଉପରକୁ ସାଧୁବେଶ ଧାରଣ ଅଥଚ ଭିତରେ ମନ୍ଦ ଆଚରଣ। ଭଣ୍ଡ ବା ଶଠ ପ୍ରକୃତିର ବ୍ୟକ୍ତିଙ୍କ ଏତାଦୃଶ ମନ୍ଦ ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଣ୍ଡରେ ପଗଡ଼ି ପାଦରେ ତେଲ**
**ବଇଦ ସାଙ୍ଗରେ କରିବ ଗେଲ ।**

ମୁଣ୍ଡରେ ପଗଡ଼ି ବାନ୍ଧିଲେ ଖରାଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ । ପଗଡ଼ି ଓ ତେଲ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଅନିୟମିତତା ଅଭିଯୋଗରେ ରିଟେଲର ନିଲମ୍ବିତ

**ତିହିଡ଼ି,୪।୩(ଡି.ଏନ.ଏ.)**

## କାର୍ଯ୍ୟାନୁଷ୍ଠାନ ପରେ ଧାରଣାରୁ ଉଠିଲା ଭାଜପା

ଭଦ୍ରକ ଜିଲା ତିହିଡ଼ି ବ୍ଲକ ଗୋବିନ୍ଦପୁର ପଞ୍ଚାୟତରେ ଖାଉଟି ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗରେ ରିଟେଲର ମୁରଲୀଧର ମାଝୀଙ୍କୁ ଉପଜିଲାପାଳ ନିଲମ୍ବନ କରିଛନ୍ତି। ଉପଜିଲାପାଳଙ୍କ କାର୍ଯ୍ୟାଳୟ ଚିଠି ନଂ. ୫୪ ତା ୩।୩।୨୦ ରିଖରେ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଏହି ନିଲମ୍ବନ ସମ୍ପର୍କରେ ବ୍ଲକ ଅଧ୍ୟକ୍ଷା ବିଦ୍ୟୁତଲତା ନାୟକ କାର୍ଯ୍ୟାଳୟ ସାମ୍ନାରେ ବସିଥିବା ଧାରଣାକାରୀଙ୍କୁ ସୂଚନା ଦେବା ପରେ ଅନଶନ ଓ ଗଣଧାରଣା ପ୍ରତ୍ୟାହୃତ ହୋଇଥିଲା।

ସୂଚନା ଥାଉକି, ଏହି ପଞ୍ଚାୟତର ସୁଲୋଚନା ମାଝୀ ନାମ୍ନୀ ଜଣେ ହିତାଧିକାରୀଙ୍କୁ ୧୨ମାସ ଧରି ଚାଉଳ ଦିଆଯାଇ ନ ଥିବା ଅଭିଯୋଗ ହୋଇଥିଲା। ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜିଲା ଯୋଗାଣ ଅଧିକାରୀ ଏବଂ ଯୋଗାଣ ବିଭାଗ ସ୍କ୍ୱାଡ ଏହାର ତଦନ୍ତ କରି ରିପୋର୍ଟ ପ୍ରଦାନ କରିଥିଲେ। ରିପୋର୍ଟରେ ଗତବର୍ଷ ଫେବୃୟାରୀ, ମାର୍ଚ୍ଚ, ଏପ୍ରିଲ, ଜୁଲାଇ ଓ ଅଗଷ୍ଟ ମାସର ଚାଉଳ ଦିଆଯାଇ ନ ଥିବା ସମ୍ପର୍କରେ ଉଲ୍ଲେଖ କରାଯାଇଥିଲା। ଏହି ରିପୋର୍ଟ ଆଧାରରେ ରିଟେଲରଙ୍କୁ ନିଲମ୍ବିତ କରାଯାଇଛି। ତେବେ ରିଟେଲରଙ୍କ ନିଲମ୍ବନ ଦାବିରେ ମଙ୍ଗଳବାର ମଧ୍ୟାହ୍ନରୁ ପଞ୍ଚାୟତ ଭାଜପା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ଅନଶନ କରାଯିବା ସହ ଗଣଧାରଣା ଦିଆଯାଇଥିଲା। ଜିଲା ଉପସଭାପତି ଦୁର୍ଗାଚରଣ ନାୟକ, ରାଜ୍ୟ ଓବିସି ମୋର୍ଚ୍ଚା ଉପସଭାପତି ରଘୁନାଥ ପାତ୍ର, ପୂର୍ବତନ ସମିତିସଭ୍ୟ ମାନସ ରଞ୍ଜନ ନାୟକ, ଅନୁସୂଚିତ ଜାତି ମୋର୍ଚ୍ଚା ସଭାପତି ଶ୍ରୀଧର ତରାଇ ଓ ମଣ୍ଡଳ ସଭାପତି ରାଜାରାମ ମହକୁଡ଼ ପ୍ରମୁଖଙ୍କ ନେତୃତ୍ୱରେ ଗଣଧାରଣା ଦିଆଯାଇଥିଲା।

# ମେଳଣ ମଣ୍ଡପରେ କେବଳ ଲୋକବାଦ୍ୟ

**ଧାମନଗର,୪।୩(ଡି.ଏନ.ଏ.)**

ଧାମନଗର ବ୍ଲକ ଧୂଷୁରୀ ଥାନା ପକ୍ଷରୁ ଆଗାମୀ ୧୧ରେ ହେବାକୁ ଥିବା ପଦାମେଳଣ ପର୍ବ ପାଇଁ କେତେକ କଟକଣା ଜାରି କରାଯାଇଛି। ତେବେ ଏହି ଥାନା ଅଧୀନ ବୟାଳିଙ୍ଗିହି, ଲୁଣିଆ, ଶହୀଦନଗର, ସୂର୍ଯ୍ୟପୁର, ଅର୍ଜୁନପୁର ଏବଂ ଗୋବିନ୍ଦପୁର ମେଳଣ କମିଟିର ଠାକୁରବାଡିଆଙ୍କ ଉପସ୍ଥିତିରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଆଇଆଇସି ପ୍ରଫୁଲ୍ଲ କୁମାର ସିଂଙ୍କ ଅଧ୍ୟକ୍ଷତାରେ ଏସ୍ଆଇ ବିଭୂତି ଭୂଷଣ ସ୍ୱାଇଁ ଉପସ୍ଥିତ ରହି ସମସ୍ତ କମିଟି ଡିଜେ ସାଉଣ୍ଡ ନ ବଜାଇବା ପାଇଁ କଟକଣା ଜାରି କରିଛନ୍ତି। ମେଳଣ ମଣ୍ଡପରେ କେବଳ ଲୋକବାଦ୍ୟ ନେଇ ପ୍ରବେଶ ସହିତ ଜୀଉମାନଙ୍କ ପ୍ରବେଶ ଯେପରି ଠିକ୍ ସମୟରେ ହୁଏ ସେଥିପାଇଁ ଠାକୁରବାଡିଆମାନଙ୍କୁ ପୋଲିସ ପରାମର୍ଶ ଦେଇଥିଲା। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ କମିଟି ସହିତ ପୋଲିସ ମୁତୟନ ବ୍ୟବସ୍ଥା ହେବ ବୋଲି ସୂଚନା ଦିଆଯାଇଛି।

# ଆକ୍ରମଣରେ ଗର୍ଭବତୀଙ୍କ ସମେତ ୩ ଆହତ

**ତିହିଡ଼ି, ୪।୩ (ଡି.ଏନ.ଏ.)**

## ଗର୍ଭସ୍ଥ ଶିଶୁ ମୃତ

ଭଦ୍ରକ ଜିଲା ତିହିଡ଼ି ଥାନା ଦୋଲସାହି ପଞ୍ଚାୟତ ଅଧୀନ ଅଲୀନଗର ଛକଠାରେ ମଙ୍ଗଳବାର ରାତିରେ ପୂର୍ବଶତ୍ରୁତାରୁ ଆକ୍ରମଣ କରାଯିବାରୁ ଜଣେ ଗର୍ଭବତୀ ମହିଳାଙ୍କ ସମେତ ତାଙ୍କ ବାପା ଓ ଶ୍ୱଶୁର ଆହତ ହୋଇଛନ୍ତି। ଗର୍ଭସ୍ଥ ଶିଶୁର ମୃତ୍ୟୁ ଘଟିଥିବା ବୁଧବାର ତିହିଡ଼ି ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏ ନେଇ ତଦନ୍ତ ଚଳାଇଥିବା କହିଛି। ମହିଳାଙ୍କ ବାପା ଥାନାରେ ଅଭିଯୋଗ କରିଛନ୍ତି ଯେ, ସେ ଓ ତାଙ୍କ ପୁଅ ମଙ୍ଗଳବାର ରାତି ପ୍ରାୟ ୧୧ଟା ବେଳେ ଅଲୀନଗର ଛକଠାରେ ଠିଆ ହୋଇଥିଲେ। ତାଙ୍କ ଝିଅ ପ୍ରସବ ପାଇଁ ଆସୁଥିବାରୁ ସେମାନେ ତାଙ୍କୁ ସେଠାରେ ଅପେକ୍ଷା କରିଥିଲେ। ଏହି ସମୟରେ ବୁଢ଼ଙ୍ଗ ଗ୍ରାମର ଦୁଇଭାଇ ସେଠାରେ ପହଞ୍ଚି ସେମାନେ ଗାଳିଗୁଲଜ କରିଥିଲେ। ତାଙ୍କ ଝିଅ ଓ ସମୁଦି ସେଠାରେ ଆସି ପହଞ୍ଚିଥିଲେ। ତାଙ୍କୁ ଜଣେ ବ୍ୟକ୍ତି ଆକ୍ରମଣ କରିବାରୁ ତାଙ୍କ ପୁଅ ଏହାର ପ୍ରତିବାଦ କରିଥିଲେ। ପରେ ସେହି ୨ଭାଇ ତାଙ୍କ ସମୁଦି ଓ ଝିଅକୁ ମଧ୍ୟ ଛାଡ଼ି ନ ଥିଲେ। ସେ ଏ ସମ୍ପର୍କରେ ଥାନାକୁ ଟେଲିଫୋନ ଯୋଗେ ଜଣାଇବା ସହ ଆକ୍ରମଣରେ ଗୁରୁତର ହୋଇଥିବା ତାଙ୍କ ଝିଅକୁ ଏକ ନର୍ସିଂହୋମରେ ଏବଂ ସମୁଦିଙ୍କୁ ଭଦ୍ରକ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ଅଲ୍‌ଟ୍ରାସାଉଣ୍ଡ ପରେ ତାଙ୍କ ଝିଅର ଗର୍ଭରେ ଥିବା ଶିଶୁର ମୃତ୍ୟୁ ଘଟିଥିବା ସେ ଏତଲାରେ ଦର୍ଶାଇଛନ୍ତି।

# ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

**ବାସୁଦେବପୁର,୪।୩(ଡି.ଏନ.ଏ.)**

ବାସୁଦେବପୁର ମନ୍ଦାରୀଠାରେ ମଣ୍ଡଳପୋଖରୀ ଯୁବକ ସଂଘ ଆନୁକୂଲ୍ୟରେ ୯ମ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଛି। ଓଏନ୍‌ଜିସି ଗୌହାଟି ଓ ବିଶାଖାପାଟଣା ରେଲୱେ ମଧ୍ୟରେ ଉଦ୍‌ଘାଟନ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ରେ ଓଏନ୍‌ଜିସି ଟିମ୍ ୩-୦ ସେଟ୍‌ରେ ବିଶାଖାପାଟଣା ରେଲୱେକୁ ହରାଇ ବିଜୟୀ ହୋଇଥିଲା। ୨ୟ ମ୍ୟାଚ୍ ବାଲେଶ୍ୱର ସ୍ପୋର୍ଟସ୍ ହଷ୍ଟେଲ ଓ ବିଶାଖାପାଟଣା ରେଲୱେ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୩-୨ ସେଟ୍‌ରେ ବାଲେଶ୍ୱର ସ୍ପୋର୍ଟସ୍ ହଷ୍ଟେଲକୁ ହରାଇ ବିଶାଖାପାଟଣା ରେଲୱେ ବିଜୟୀ ହୋଇଛି। ଉଦ୍‌ଘାଟନୀ ମ୍ୟାଚ୍‌ରେ ଅତିଥି ଭାବେ ଭଗତସେନା ଆବାହକ ସିତାଂଶୁ ଶେଖର ମହାପାତ୍ର, ସହକାରୀ ବ୍ୟାଙ୍କ ମ୍ୟାନେଜର ଦିଲୀପ ବିଶ୍ୱାଳ ଓ ବାସୁଦେବପୁର ଥାନା ଏଏସ୍ଆଇ ଚିତ୍ତରଞ୍ଜନ ଦାସ ଯୋଗ ଦେଇଥିଲେ। ବୁଧବାର ସନ୍ଧ୍ୟାରେ ଏସ୍‌ଡବ୍ଲ୍ୟୁଆର୍ ହୁଗୁଳି ଓ ସେଭେନଷ୍ଟାର ଚେନ୍ନାଇ ମଧ୍ୟରେ ମ୍ୟାଚ୍ ହୋଇଥିଲା। ଖବର ଲେଖା ହେବା ବେଳକୁ ମ୍ୟାଚ୍ ଚାଲୁ ରହିଥିଲା। ଅତିଥି ଭାବେ ଭାଜପା ନେତା ଅଭିମନ୍ୟୁ ସେଠୀ, ମାଧବାନନ୍ଦ ମଲ୍ଲିକ, ପୂର୍ବତନ ପୌରାଧ୍ୟକ୍ଷ ପଞ୍ଚାନନ ସେନାପତି ପ୍ରମୁଖ ଯୋଗ ଦେଇଥିଲେ। ମଣ୍ଡଳପୋଖରୀ ଯୁବକ ସଂଘ ସଭାପତି ଉଦୟ ନାରାୟଣ ମଲ୍ଲିକ, ସମ୍ପାଦକ ନିତ୍ୟାନନ୍ଦ ମଲ୍ଲିକଙ୍କ ସମେତ ସଂଘର କର୍ମକର୍ତ୍ତା, ସଦସ୍ୟମାନେ ଟୁର୍ନାମେଣ୍ଟକୁ ପରିଚାଳନା କରୁଛନ୍ତି।

# ସାମର୍ଥ୍ୟ ଶିବିରରେ ୪୩୭ ଭିନ୍ନକ୍ଷମ

**ଭଣ୍ଡାରିପୋଖରୀ, ୪।୩(ଡି.ଏନ.ଏ.)**

ଭଣ୍ଡାରିପୋଖରୀ ବ୍ଲକ ପ୍ରଶାସନ ଏବଂ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ବୁଧବାର ବ୍ଲକସ୍ତରୀୟ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ମଞ୍ଜୁରିରୋଡସ୍ଥିତ ଗିରିଧାରୀ ପଣ୍ଡା ଉଚ୍ଚ ବିଦ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ମୋଟ ୪୩୭ ଭିନ୍ନକ୍ଷମ ପଞ୍ଜୀକରଣ କରିଥିଲେ। ଶାରୀରିକ ଭିନ୍ନକ୍ଷମ ୧୪୬ ଜଣ, ମାନସିକ ଭିନ୍ନକ୍ଷମ ୯୦, ଶ୍ରବଣବାଧିତ ୧୩୩, ଚକ୍ଷୁଜନିତ ୬୩, ରକ୍ତହୀନତା ୪, ହେମୋଫିଲିଆ ଜଣେ ଚିହ୍ନଟ ହୋଇଥିବାବେଳେ ଆବଶ୍ୟକ ଉପକରଣ ପାଇବା ପାଇଁ ୩୦ ଜଣ ଏବଂ ଡିଜାବଲ ଆଇଡି କାର୍ଡ ପାଇବା ଲାଗି ୭ ଜଣଙ୍କୁ ଚିହ୍ନଟ କରାଯାଇଛି। ନାଆଁମୀ ସରପଞ୍ଚ ସଦାଶିବ ଦାସ ସଭାପତିତ୍ୱ କରିଥିଲେ। ଅତିଥି ଭାବେ ବ୍ଲକ ଚେୟାରମ୍ୟାନ ମଞ୍ଜୁଶ୍ରୀ ବେହେରା, ଏପିଡି ରାଜେନ୍ଦ୍ର ପଣ୍ଡା, ଏବିଡିଓ ବୀରେନ୍ଦ୍ର ଦାସ, ତହସିଲଦାର ମୃତ୍ୟୁଞ୍ଜୟ ଭୁୟାଁ, ବ୍ଲକ ଉପାଧ୍ୟକ୍ଷ ସତ୍ୟବ୍ରତ ଦାସ ପ୍ରମୁଖ ଯୋଗ ଦେଇଥିଲେ।

# ପାଣିପଞ୍ଚାୟତ କର୍ମକର୍ତ୍ତା ନିର୍ବାଚିତ

**ବନ୍ତ,୪।୩(ଡି.ଏନ.ଏ.)**

ବନ୍ତ ଜଳସେଚନ ବିଭାଗ ଅଧୀନ ୨୩ ନଂ. ପାଣି ପଞ୍ଚାୟତର କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କାର୍ଯ୍ୟନିର୍ବାହୀ କମିଟିର ୧୨ଜଣ ସଭ୍ୟ ଅଂଶଗ୍ରହଣ କରିଥିଲେ। ସଭାପତି ଭାବେ ଲକ୍ଷ୍ମୀନାରାୟଣ ନାୟକ, ସମ୍ପାଦକ ପ୍ରଦୀପ କୁମାର ପହି ଓ କୋଷାଧ୍ୟକ୍ଷ ଭାବେ ଶ୍ରୀଧର ପହି ନିର୍ବାଚିତ ହୋଇଛନ୍ତି।

# ନୋଡାଲ ସେଣ୍ଟରରେ ପଡ଼ି ରହିଛି ମାଟ୍ରିକ ଉତ୍ତରଖାତା

**ଝାରପୋଖରିଆ,୪।୩(ଡି.ଏନ୍.ଏ.)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ଚଳିତ ବର୍ଷର ମାଟ୍ରିକ ପରୀକ୍ଷା ୩ ଦିନ ହେଲା ଶେଷ ହୋଇଥିଲେ ମଧ୍ୟ ନୋଡାଲ ସେଣ୍ଟରରେ ଉତ୍ତରଖାତା ପଡ଼ି ରହିଥିବା ଜଣାପଡ଼ିଛି। ମୟୂରଭଞ୍ଜ ଜିଲା ସାରସକଣା ବ୍ଲକ ଅଧୀନ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟ ନୋଡାଲ ସେଣ୍ଟରରେ ଏହି ଘଟଣା ଦେଖିବାକୁ ମିଳିଛି।

ଗତ ଫେବୃୟାରୀ ୧୯ ତାରିଖଠାରୁ ମାଟ୍ରିକ ପରୀକ୍ଷା ଆରମ୍ଭ ହୋଇ ମାର୍ଚ୍ଚ ୨ ତାରିଖରେ ଶେଷ ହୋଇଥିଲା। ୧୯ରୁ ୨୪ ତାରିଖ ପର୍ଯ୍ୟନ୍ତ ହୋଇଥିବା ମାତୃଭାଷା, ଇଂଲିଶ, ସଂସ୍କୃତ/ହିନ୍ଦୀ ଓ ଧନ୍ଦାମୂଳକ ପରୀକ୍ଷାର ଉତ୍ତର ଖାତାଗୁଡ଼ିକ ଏହି ନୋଡାଲ ସେଣ୍ଟରରୁ ବୋର୍ଡ କର୍ତ୍ତୃପକ୍ଷ ଗତ ୨୬ ତାରିଖରେ ନେଇ ଯାଇଥିଲେ। ମାତ୍ର ୨୬ ତାରିଖରେ ହୋଇଥିବା ଗଣିତ, ୨୮ ତାରିଖରେ ବିଜ୍ଞାନ ଓ ମାର୍ଚ୍ଚ ୨ ତାରିଖରେ ହୋଇଥିବା ଇତିହାସ/ଭୂଗୋଳ ପରୀକ୍ଷାର ଉତ୍ତରଖାତା ଉକ୍ତ ନୋଡାଲ ସେଣ୍ଟରରେ ପଡ଼ି ରହିଛି। ଏ ନେଇ ନୋଡାଲ ସେଣ୍ଟରର ସୁପରିଣ୍ଟେଣ୍ଡେଣ୍ଟ ଭରତ ଚନ୍ଦ୍ର ମହାନ୍ତଙ୍କୁ ପଚାରିବାରୁ ଏହା ଆମ କର୍ତ୍ତବ୍ୟ ନୁହେଁ, ବୋର୍ଡ କର୍ତ୍ତୃପକ୍ଷଙ୍କ ଦାୟିତ୍ୱ ବୋଲି କହିଛନ୍ତି।

ଉଲ୍ଲେଖଯୋଗ୍ୟ ଯେ, ସାରସକଣା ବ୍ଲକ ଅଧୀନ ୨୨ଟି ଉଚ୍ଚ ବିଦ୍ୟାଳୟର ୮୫୪ ମାଟ୍ରିକ ପରୀକ୍ଷାର୍ଥୀଙ୍କ ପାଇଁ ଶୀର୍ଷା ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର କରାଯାଇ ପୋଲିସ ସୁରକ୍ଷାରେ ପ୍ରଶ୍ନପତ୍ର ରଖାଯାଇଥିଲା। ଏଠାରୁ ପରୀକ୍ଷା କେନ୍ଦ୍ରଗୁଡ଼ିକୁ ପ୍ରଶ୍ନପତ୍ର ପଠାଯିବା ସହ ପରୀକ୍ଷା ପରେ ଉତ୍ତରଖାତା ଅଣାଯାଇ ମହଜୁଦ ରଖା ଯାଉଥିଲା।

# ଏଟିଏମ୍ ଅଚଳ, ଗ୍ରାହକ ହଇରାଣ

**ବୈଶିଙ୍ଗା,୪।୩(ଡ଼ି.ଏନ୍.ଏ.)**

ବୈଶିଙ୍ଗାସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଟିଏମ୍ ୬ ମାସ ହେଲା ଅଚଳ ହୋଇ ପଡ଼ିଥିବାରୁ ଗ୍ରାହକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ୟାଙ୍କରେ ପ୍ରତିଦିନ ପ୍ରବଳ ଭିଡ଼ ଲାଗି ରହୁଥିବାରୁ ସେଠାରେ ଟଙ୍କା ଜମା କିମ୍ବା ଉଠାଣ ଲାଗି ଗ୍ରାହକମାନଙ୍କୁ ଦୀର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି। ଏ ନେଇ ସ୍ଥାନୀୟ ଅଞ୍ଚଳର ଚାଷୀ ଜୟନ୍ତ କୁମାର ପଣ୍ଡା କୁହନ୍ତି, ବ୍ୟାଙ୍କରେ ଲମ୍ବା ଲାଇନ ଦେଖି ଆଜିକାଲି ବ୍ୟାଙ୍କ ଯିବାକୁ ଭୟ ଲାଗୁଛି। ସେହିପରି ଏଟିଏମ ମେଶିନ ଦୀର୍ଘ ଦିନ ଧରି ଅଚଳ ହୋଇ ପଡି ରହିଥିବା ଯୋଗୁ ଗ୍ରାହକମାନଙ୍କୁ ଅଯଥାରେ ଖର୍ଚ୍ଚାନ୍ତ ହେବାକୁ ପଡୁଛି ବୋଲି ଯୁବ ବ୍ୟବସାୟୀ ସର୍ବେଶ୍ୱର ଦାସ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ବ୍ୟାଙ୍କ ଶାଖା ପରିଚାଳିକାଙ୍କୁ ପଚାରିବାରୁ ପୂର୍ବରୁ ଏକ କମ୍ପାନୀକୁ ଏଟିଏମ ମେଶିନର ପରିଚାଳନା ଦାୟିତ୍ୱ ଦିଆଯାଇଥିଲା। ମାତ୍ର ବ୍ୟାଙ୍କ ଅଫ ଇଣ୍ଡିଆ ମୁଖ୍ୟ କାର୍ଯ୍ୟାଳୟର ନିର୍ଦ୍ଦେଶ କ୍ରମେ ଏହି କମ୍ପାନୀକୁ ସେବା ନିବୃତ୍ତ କରାଯାଇଛି। ତେବେ ଇତି ମଧ୍ୟରେ ଅନ୍ୟ କୌଣସି କମ୍ପାନୀକୁ ପରିଚାଳନା ଦାୟିତ୍ୱ ଦିଆ ନ ଯିବାରୁ ଏଟିଏମ ମେଶିନ ଅଚଳ ହୋଇ ପଡ଼ି ରହିଛି। ଖୁବ ଶୀଘ୍ର ଗ୍ରାହକଙ୍କୁ ଉତ୍ତମ ସେବା ମିଳିପାରିବ ବୋଲି ସେ କହିଛନ୍ତି।

# ମେଡିକାଲ ନାମଫଳକ ସାନ୍ତାଳୀ ଭାଷାରେ ଲେଖିବାକୁ ଦାବି



ମାସା ଆର୍ମୀ ପକ୍ଷରୁ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ବାରିପଦା ଅଫିସ, ୪।୩**

ଦୀର୍ଘ ବର୍ଷର ଆନ୍ଦୋଳନ ପରେ ରାଜ୍ୟ ସରକାର ମୟୂରଭଞ୍ଜ ଜିଲାର ବାରିପଦାଠାରେ ଥିବା ଜିଲା ମୁଖ୍ୟ ଚିକିତ୍ସାଳୟକୁ ମେଡିକାଲ କଲେଜ ଏବଂ ହସ୍ପିଟାଲରେ ପରିଣତ କଲେ। ସାନ୍ତାଳୀ ଭାଷା ଲିପିର ସ୍ରଷ୍ଟା ପଣ୍ଡିତ ରଘୁନାଥ ମୁର୍ମୁଙ୍କୁ ସମ୍ମାନ ଜଣାଇ ମେଡିକାଲ୍‌କୁ ତାଙ୍କ ନାମରେ ନାମିତ କରାଗଲା। ହେଲେ ତାଙ୍କ ଦ୍ୱାରା ସୃଷ୍ଟି ହୋଇଥିବା ସାନ୍ତାଳୀ ଭାଷା ତଥା ଲିପି ମେଡିକାଲର କୌଣସି ଜାଗାରେ ଲେଖା ନାହିଁ। ତେଣୁ ସାନ୍ତାଳୀ ଭାଷାରେ ମେଡିକାଲ୍ ଗେଟ୍ ସମ୍ମୁଖ ଏବଂ ଗେଟ୍ କାନ୍ଥରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ୍ କଲେଜ ଓ ହସ୍ପିଟାଲ୍ ଲେଖିବା ଦାବିରେ ମାସା ଆର୍ମୀ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଦାବି ଜଣାଇଛି। ଆଗାମୀ ୭ ଦିନ ଭିତରେ ସାନ୍ତାଳୀ ଭାଷାରେ ଲେଖିବା ପାଇଁ ନିବେଦନ କରିଛି। ମାସା ଆର୍ମୀର ରାଜ୍ୟ ସଭାପତି ସୁକୁଲାଲ ମାରାଣ୍ଡିଙ୍କ ନେତୃତ୍ୱରେ ଜିଲା ସଭାପତି ମୁକେଶ ମାରାଣ୍ଡି, ଉପସଭାପତି ଲକ୍ଷ୍ମୀକାନ୍ତ ବାସ୍କେ, ସୁନାରାମ ଟୁଡ଼ୁ, ରଣଜିତ ସିଂ, ସରୋଜ ନାଏକ ପ୍ରମୁଖ ପ୍ରତିନିଧି ମଣ୍ଡଳୀ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଭେଟି ଦାବି ଜଣାଇଥିଲେ।

# ଏବେଠୁ ଅଂଶୁଘାତ ଚିନ୍ତା: ପ୍ରଶାସନ ତତ୍ପର

**ଭଦ୍ରକ ଅଫିସ,୪।୩**




ପ୍ରସ୍ତୁତି ବୈଠକରେ ପ୍ରଶାସନିକ ଅଧିକାରୀମାନେ।

ଭଦ୍ରକ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ନିମନ୍ତେ ପ୍ରସ୍ତୁତି ବୈଠକ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆଗାମୀ ଗ୍ରୀଷ୍ମପ୍ରବାହର ମୁକାବିଲା ନିମନ୍ତେ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ତହସିଲଦାରଙ୍କୁ ନେଇ ପ୍ରସ୍ତୁତି ବୈଠକ ହୋଇଥିଲା। ସମ୍ଭାବ୍ୟ ଅଂଶୁଘାତ ମୁକାବିଲା ପାଇଁ ଜିଲା ପ୍ରଶାସନ ଏବେଠୁ ତତ୍ପର ହୋଇପଡ଼ିଛି। ଜିଲା ମୁଖ୍ୟ ଚିକିତ୍ସାଳୟଠାରେ ଅଂଶୁଘାତ ପୀଡ଼ିତଙ୍କ ଚିକିତ୍ସା ପାଇଁ ଶୀତତାପ ନିୟନ୍ତ୍ରିତ କକ୍ଷ ବ୍ୟବସ୍ଥା ସହ ଜିଲାର ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆନୁଷଙ୍ଗିକ ବ୍ୟବସ୍ଥା କରିବା ନିମନ୍ତେ ନିର୍ଦ୍ଦେଶ ଦିଆଯାଇଥିଲା। ଜରୁରିକାଳୀନ ବିଭାଗ, ଜିଲା ମୁଖ୍ୟ ଚିକିତ୍ସାଳୟ ଓ ଅନ୍ୟାନ୍ୟ ବିଭାଗର ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷର ବ୍ୟବସ୍ଥା କରିବା ପାଇଁ ବିଭାଗୀୟ ମୁଖ୍ୟମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ସେହିପରି ଗ୍ରୀଷ୍ମପ୍ରବାହ ସମୟରେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ପାନୀୟଜଳର ସମସ୍ୟା ଯେପରି ନ ହୁଏ, ସେଥିପାଇଁ ଗ୍ରାମ୍ୟ, ସହରାଞ୍ଚଳ ଜଳ ଯୋଗାଣ ଓ ବିଦ୍ୟୁତ୍ ବିଭାଗ ମିଳିତ ଭାବେ କାର୍ଯ୍ୟ କରିବେ। ପାନୀୟଜଳ ପ୍ରକଳ୍ପ ଓ ନଳକୂପଗୁଡ଼ିକୁ ସଚଳ ରଖିବାକୁ ପଦକ୍ଷେପ ନେବେ। ବିଭିନ୍ନ ବିଦ୍ୟାଳୟରେ ପାଠପଢ଼ା ସମୟ ସକାଳ ୬ଟାରୁ ଆରମ୍ଭ କରି ୧୦ଟା ସୁଦ୍ଧା ସମାପ୍ତ କରିବାକୁ ପରାମର୍ଶ ଦିଆଯାଇଛି। ଶ୍ରମିକମାନଙ୍କର କାର୍ଯ୍ୟ ଉପଯୁକ୍ତ ସମୟ ନିର୍ଦ୍ଧାରଣ କରିବା ପାଇଁ ଜିଲା ଶ୍ରମ ଅଧିକାରୀଙ୍କୁ ନିର୍ଦ୍ଦେଶ ହୋଇଛି। ଦିନରେ ଚଳାଚଳ କରୁଥିବା ବସ୍‌ଗୁଡ଼ିକରେ ପର୍ଯ୍ୟାପ୍ତ ପାନୀୟଜଳ, ଔଷଧ ଏବଂ ଓଆର୍‌ଏସ୍ ମହଜୁଦ ରଖିବାକୁ ବୈଠକରେ ସ୍ଥିର କରାଯାଇଛି। ପ୍ରାଣୀ ସମ୍ପଦର ସୁରକ୍ଷା ଲାଗି ପାଣିକୁଣ୍ଡର ବ୍ୟବସ୍ଥା ସକାଶେ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିଲା। ଅଂଶୁଘାତରେ ମୃତ ବ୍ୟକ୍ତିଙ୍କ ସମ୍ପର୍କରେ ସୂଚନା ମିଳିଲେ ସ୍ଥାନୀୟ ତହସିଲଦାର ଓ ସ୍ୱାସ୍ଥ୍ୟ ଅଧିକାରୀ ମିଳିତ ତଦନ୍ତ କରି ବିବରଣୀ ପ୍ରଦାନ କରିବେ। ସମସ୍ତ ବିଡିଓ ଓ ତହସିଲଦାର ସେମାନଙ୍କ ଅଞ୍ଚଳରେ ଏ ସମ୍ପର୍କିତ ବୈଠକ କରି ବିଭାଗୀୟ କର୍ମଚାରୀଙ୍କୁ ସଚେତନ କରିବେ। ସମସ୍ତ ଜିଲାସ୍ତରୀୟ ଓ ଲାଇନ ଡିପାର୍ଟମେଣ୍ଟ ଅଧିକାରୀ ସେମାନଙ୍କର କଣ୍ଟିଜେଣ୍ଟ ପ୍ଲାନ ପ୍ରସ୍ତୁତ କରି ଦୁଇଦିନ ମଧ୍ୟରେ ଜିଲା କାର୍ଯ୍ୟାଳୟକୁ ପଠାଇବା ପାଇଁ ପରାମର୍ଶ ଦିଆଯାଇଛି। ପ୍ରକଳ୍ପ ନିର୍ଦ୍ଦେଶକ ମଧୁସୂଦନ ଦାସ, ଜିଲା ଜରୁରିକାଳୀନ ଅଧିକାରୀ ଜୟଶ୍ରୀ ସେନାପତିଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ପ୍ରସ୍ତୁତି ବୈଠକରେ ଉପସ୍ଥିତ ଥିଲେ।

# ‘ରାଜନୀତି, ପ୍ରଶାସନଠାରୁ ଶିକ୍ଷାନୁଷ୍ଠାନ ମୁକ୍ତ ରହୁ’



ଉତ୍ସବରେ ( ବାମରୁ) ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା କିଟ୍‌ର ଭାଇସ ଚାନ୍‌ସେଲର ପ୍ରଫେସର ବେଦ ପ୍ରକାଶ, ଡି.ଲିଟ୍ ଉପାଧି ପାଇଥିବା ଅପୂର୍ବ କିଶୋର ବୀର, ବିଶ୍ୱବିଦ୍ୟାଳୟ କୁଳାଧିପତି ପ୍ରଫେସର ଗଣେଶୀ ଲାଲ, କୁଳପତି ପ୍ରଫେସର ମଧୁମିତା ଦାସ, କୁଳସଚିବ ଅମର ସିଂ ସୋରେନ୍ ପ୍ରମୁଖ ।

**ବାଲେଶ୍ୱର ଅଫିସ,୪।୩**

**ଫକୀରମୋହନ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ**

ବାଲେଶ୍ୱର ଜିଲା ରେମୁଣା ସ୍ଥିତ ବ୍ୟାସବିହାରଠାରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବ ବୁଧବାର ପୂର୍ବାହ୍ନ ୧୦ଟା ସମୟରେ ପାଳିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ପୂର୍ବତନ ଅଧ୍ୟକ୍ଷ ତଥା କିଟ୍‌ର ଭାଇସ୍ ଚାନ୍‌ସେଲର ପ୍ରଫେସର ବେଦ୍ ପ୍ରକାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିକ୍ଷକ, ଛାତ୍ର ଏବଂ ପ୍ରଶାସନ ଅଧିକାରୀ ଓ ରାଜନୈତିକ ନେତାଙ୍କ ଭଳି ୩ଟି ସ୍ତମ୍ଭ ଉପରେ ବକ୍ତବ୍ୟ ରଖିଥିଲେ। ଶିକ୍ଷକମାନେ ଗବେଷଣା ଉପରେ ଗୁରୁତ୍ୱ ଦେଇ ଛାତ୍ରୀଛାତ୍ରମାନଙ୍କୁ ଶିକ୍ଷାରେ ସହଯୋଗ କଲେ ଶିକ୍ଷା ସଫଳତାର ଶୀର୍ଷରେ ପହଞ୍ଚି ପାରିବ ବୋଲି କହିବା ସହିତ ଛାତ୍ରୀଛାତ୍ରମାନେ ଆତ୍ମବିଶ୍ୱାସ, କଠୋର ପରିଶ୍ରମ କରି ସାମ୍ପ୍ରତିକ ପରିସ୍ଥିତିକୁ ମୁକାବିଲା କରିବା ଲାଗି ଛାତ୍ର ଅବସ୍ଥାରୁ ପ୍ରସ୍ତୁତ ହେବା ସକାଶେ ଆହ୍ୱାନ ଦେଇଥିଲେ। ସେହିପରି ପ୍ରଶାସନିକ ଅଧିକାରୀ ଓ ରାଜନେତାମାନେ ଶିକ୍ଷାନୁଷ୍ଠାନରେ କୌଣସି ହସ୍ତକ୍ଷେପ ନ କରି ସେମାନଙ୍କୁ ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଦେଇ ଏକ ସୁସ୍ଥ, ଶିକ୍ଷା ବାତାବରଣ ସୃଷ୍ଟି କରିବା ପାଇଁ ସୁଯୋଗ ଦେବା ଆବଶ୍ୟକ ବୋଲି ସେ କହିଥିଲେ।

ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ଅଧ୍ୟକ୍ଷତା କରିଥିଲେ। ସେ ଗୀତା ଭାଗବତରୁ କିଛି ପଙ୍କ୍ତି ଉଦ୍ଧାର କରି କହିଥିଲେ, ଆଧ୍ୟାତ୍ମିକତାକୁ ଗୁରୁତ୍ୱ ଦେଇ ଜୀବନକୁ ସରଳ ଭାବରେ ଗଢ଼ିବା ସହ ଅତି ସୁନ୍ଦର ସମାଜ ସୃଷ୍ଟି କରିବା ଦିଗରେ ଛାତ୍ରୀଛାତ୍ରଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ସେହିପରି ବିଭିନ୍ନ ଟେକ୍ନୋଲୋଜିକୁ ଗୁରୁତ୍ୱ ଦେବା ଫଳରେ ସୃଷ୍ଟି ହେଉଥିବା ମହାବିପଦ ଦାୟକ ଭାଇରସ୍ ମାନବ ସମାଜକୁ କବଳିତ କରିବା ଭଳି ପରିସ୍ଥିତିକୁ କେବଳ ଛାତ୍ର ସମାଜ ମୁକାବିଲା କରିପାରିବେ ବୋଲି ସେ ପରାମର୍ଶ ଦେଇଥିଲେ। କୁଳପତି ପ୍ରଫେସର ମଧୁମିତା ଦାସ ବିଶ୍ୱବିଦ୍ୟାଳୟର ବିବରଣୀ ଉପସ୍ଥାପନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୁଳସଚିବ ଅମର ସିଂ ସୋରେନ ମଞ୍ଚାସୀନ ରହିଥିଲେ। ସମାବର୍ତ୍ତନ ଉତ୍ସବରେ ବିଶ୍ୱବିଦ୍ୟାଳୟର ସିନେଟ୍, ସିଣ୍ଡିକେଟ୍, ଏକାଡ଼େମିକ୍ କାଉନ୍‌ସିଲର ଓ ବିଭିନ୍ନ ବିଭାଗର ମୁଖ୍ୟମାନେ ଉପସ୍ଥିତ ରହିଥିଲେ।

# ୪ଜଣଙ୍କୁ ଡି.ଲିଟ୍, ୭୫ ଜଣଙ୍କୁ ଡକ୍ଟରେଟ୍

**ବାଲେଶ୍ୱର ଅଫିସ,୪।୩**

ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦଶମ ସମାବର୍ତ୍ତନ ଉତ୍ସବରେ କୁଳାଧିପତି ପ୍ରଫେସର ଗଣେଶୀ ଲାଲ୍ ୪ଜଣଙ୍କୁ ଡି.ଲିଟ୍ , ୭୫ ଜଣଙ୍କୁ ଡକ୍ଟରେଟ୍ ଓ ଏବଂ ୩୮ ଛାତ୍ରୀଛାତ୍ରଙ୍କୁ ଗୋଲ୍ଡ ମେଡାଲ ପ୍ରଦାନ କରିଥିଲେ। ବିଜ୍ଞାନ କ୍ଷେତ୍ରରେ ଡ. ମୃତ୍ୟୁଞ୍ଜୟ ମହାପାତ୍ର ଡି.ଲିଟ୍ ଉପାଧି ପାଇଥିବାବେଳେ ଲିଟରେଚର୍‌ରେ ଅନନ୍ତ ନାରାୟଣ ନନ୍ଦ ଓ ଅପୂର୍ବ କିଶୋର ବୀର, କମର୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଫ୍ୟାକଲ୍ଟିରେ ଡ. ସୁମନ କଲ୍ୟାଣ ଚୌଧୁରୀ ଡି.ଲିଟ୍ ଉପାଧି ଲାଭ କରିଛନ୍ତି। ହ୍ୟୁମାନିଟିଜ୍ ଆଣ୍ଡ ସୋସିଆଲ ସାଇନ୍ସ ଫ୍ୟାକଲ୍ଟିରେ ମୋଟ୍ ୩୩ଜଣ ଡକ୍ଟରେଟ୍ ଉପାଧି ପାଇଥିବାବେଳେ ଓଡ଼ିଆରେ ୪, ଇକୋନୋମିକ୍ସରେ ୫, ପଲିଟିକାଲ ସାଇନ୍ସରେ ୫, ସୋସିଓଲୋଜିରେ ୧, ହିନ୍ଦୀରେ ୩, ଏଜୁକେଶନରେ ୬ ଏବଂ ଇଂଲିଶରେ ୯ ଜଣ ଡକ୍ଟରେଟ୍ ଉପାଧି ପାଇଛନ୍ତି। ସୋସିଆଲ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି ଫ୍ୟାକଲ୍ଟିରେ ମୋଟ୍ ୧୨ଜଣ ଡକ୍ଟରେଟ୍ ପାଇଥିବାବେଳେ ବାୟୋଟେକ୍ନୋଲୋଜିରେ ୫, ଏନ୍‌ଭାଇରନମେଣ୍ଟାଲ ସାଇନ୍ସରେ ଜଣେ, ଜୁଲୋଜିରେ ଜଣେ, ଆଇ ଆଣ୍ଡ ସିଟିରେ ୨ଜଣ, ଫିଜିକ୍ସରେ ଜଣେ, ମ୍ୟାଥ୍‌ମାଟିକ୍ସରେ ୨ଜଣଙ୍କୁ ଡକ୍ଟରେଟ୍ ପ୍ରାପ୍ତ ହୋଇଛି। କମର୍ସ ଆଣ୍ଡ ମ୍ୟାନେଜ୍‌ମେଣ୍ଟ ଫ୍ୟାକଲ୍ଟିରେ ମୋଟ୍ ୨୨ଜଣଙ୍କୁ ଡକ୍ଟରେଟ୍ ଉପାଧି

**ଗୋଲ୍ଡ ମେଡ଼ାଲ ପାଇଲେ ୩୮ ଛାତ୍ରୀଛାତ୍ର**

ମିଳିଥିବାବେଳେ ମ୍ୟାନେଜ୍‌ମେଣ୍ଟରେ ୧୭ଜଣ ଓ କର୍ମସରେ ୫ ଜଣ, ପେଡିଓଲୋଜିକାଲ ସାଇନ୍ସ ଫ୍ୟାକଲ୍ଟିରେ ମୋଟ୍ ୩ଜଣ ଏଜୁକେଶନରେ ଡକ୍ଟରେଟ୍ ଲାଭ କରିଛନ୍ତି। ସେହିପରି ଲିଗାଲ ଷ୍ଟଡିଜ୍‌ରେ ମୋଟ ୫ଜଣ ଛାତ୍ରୀଛାତ୍ର ଡକ୍ଟରେଟ୍ ଲାଭ କରିଥିବାବେଳେ ୩୮ଜଣ ଛାତ୍ରୀଛାତ୍ର ଅତିଥିଙ୍କଠାରୁ ଗୋଲ୍ଡ ମେଡାଲ ପାଇଥିବା ଜଣାପଡ଼ିଛି।

## ସଂକ୍ଷେପରେ

### ତୃଣମୂଳସ୍ତରରେ ସଂଗଠନ ମଜଭୁତ୍ କରିବାକୁ ଗୁରୁତ୍ୱ

**ଜଳେଶ୍ୱର,୪।୩(ସ୍ୱ.ପ୍ର): **ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ମଙ୍ଗଳବାର ଅପରାହ୍ନରେ ବିଜେଡିର ସକ୍ରିୟ ସଦସ୍ୟଙ୍କୁ ନେଇ ନିର୍ବାଚନମଣ୍ଡଳୀ ସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ବାଲେଶ୍ୱର ଜିଲାର ଜଳେଶ୍ୱର ସ୍ଥିତ ସ୍ଥାନୀୟ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ କର୍ମଶାଳାରେ ପୂର୍ବତନ ଏମ୍‌ପି ତଥା ଜିଲାସଭାପତି ଇଂ. ରବୀନ୍ଦ୍ର କୁମାର ଜେନା ମୁଖ୍ୟଅତିଥି ରୂପେ ଯୋଗଦେଇ ତୃଣମୂଳସ୍ତରରେ ସଂଗଠନକୁ ମଜବୁତ୍ କରି ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାକୁ ଗ୍ରାମାଞ୍ଚଳରେ ପହଞ୍ଚାଇବା ପାଇଁ ଆପ୍ ମାଧ୍ୟମରେ ଖସଡ଼ା ପ୍ରକାଶ କରାଯାଇଛି ବୋଲି କହିଥିଲେ। ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର କର୍ମଶାଳାରେ ପୌରୋହିତ୍ୟ କରି ଆସନ୍ତା ୫ ତାରିଖ ବିଜୁ ଜୟନ୍ତୀ ପାଳନ ଅବସରରେ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଏକ ବିଶାଳ ମହିଳା ସମାବେଶ ମହମ୍ମଦନଗର ପାଟଣା ପଞ୍ଚାୟତର ପାଟଣା ଠାରେ ଅନୁଷ୍ଠିତ ହେବ ବୋଲି ପ୍ରକାଶ କରିଥିଲେ। କର୍ମଶାଳାରେ ପ୍ରଶିକ୍ଷକ ଭାବେ ନୀତିନ୍ ଜୀ ଯୋଗଦେଇ ବିଜୁ ଜନତା ଦଳ ସୋସିଆଲ ମିଡ଼ିଆ ମାଧ୍ୟମରେ ପ୍ରତ୍ୟେକ ନିର୍ବାଚନମଣ୍ଡଳୀକୁ ନବୀନ ନିବାସ ସହିତ ଯୋଡ଼ା ଯାଇ ଗ୍ରାମାଞ୍ଚଳର ବିଭିନ୍ନ କାର୍ଯ୍ୟକ୍ରମକୁ ସମୀକ୍ଷା କରାଯିବ ବୋଲି କହିଥିଲେ। ବିଜେଡି ସଭାନେତ୍ରୀ ବିଦ୍ୟୁତବାଲା ନନ୍ଦୀ ମହିଳା ସମାବେଶ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଜିଲା ଉପସଭାପତି ଭୂବନାନନ୍ଦ ଦାସ କର୍ମଶାଳାରେ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। ବ୍ଲକ ଅଧ୍ୟକ୍ଷା ସବିତାରାଣୀ ଦଳେଇ, ଉପାଧ୍ୟକ୍ଷ ବ୍ରଜମୋହନ ପ୍ରଧାନ, ବ୍ଲକ ସଭାପତି ଭୂପତି ମିର୍ଦ୍ଧା, ନଗର ସଭାପତି ଶଙ୍କର ଘୋଷ, ଜୀବନବିନ୍ଦୁ ସଂଯୋଜକ ମଧୁସୂଦନ ସେନାପତି, ପ୍ରତାପ କୁମାର ପ୍ରଧାନ, ସଞ୍ଜିବ ପାଳ, ମାନସ ଜେନା, ବ୍ରିଜେସ୍ ରଣା, ଆରତୀ ଦାସ, ଅର୍ଚ୍ଚନା ଗିରି, ମଞ୍ଜୁବାଳା ପ୍ରଧାନ, ତୁଳସୀ ଦତ୍ତ, ଦେବଯାନୀ ଅଞ୍ଚିଆ ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ।

### ମା’ କାଳୀ ଗ୍ରାମୀଣ ମେଳା ଓ ମହୋତ୍ସବ ଆରମ୍ଭ

**ବାଲିଆପାଳ,୪।୩(ଡି.ଏନ.ଏ.):** ବାଲିଆପାଳ ବ୍ଲକ ଖପରାପଦା ବଜାର ଠାରେ ସୋମବାର ମା’ କାଳୀ ଗ୍ରାମୀଣ ମେଳା ଓ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଆୟୋଜକ କମିଟିର ମୁଖ୍ୟ ବଳରାମ ସାହୁ, ଜିଲା ସେବା ସମବାୟ ସମିତି ସଭାପତି ଦେବ କୁମାର ଦେ, ନିର୍ମଳ ନାଥ, ମହେଶ୍ୱର ପାତ୍ର, ହୃଦାନନ୍ଦ ସାହୁ ପ୍ରମୁଖ ମିଳିତ ଭାବେ ମେଳାକୁ ଉଦ୍‌ଘାଟନ କରିଥିଲେ। ମେଳା ଓ ମହୋତ୍ସବ ୯ ତାରିଖ ପର୍ଯ୍ୟନ୍ତ ଚାଲିବ ।

### ସଚେତନତା ଶୋଭାଯାତ୍ରା

**ଖଇରା,୪।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ସାରକୋଣା ନୋଡାଲ ୟୁପି ସ୍କୁଲରେ ଜାତୀୟ ନିରାପତ୍ତା ଦିବସ ବୁଧବାର ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇ ଯାଇଛି। ସକାଳେ ପ୍ରଧାନଶିକ୍ଷକ ବସନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ର ସଚେତନତା ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରିଥିଲେ। ପରେ ସେମାନଙ୍କ ମଧ୍ୟରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଆୟୋଜିତ ସଭାରେ ସ୍ଥାୟୀ ସଭାପତି ହେମନ୍ତ ନାୟକ,ସିଆରସିସି ଲକ୍ଷ୍ମଣ କୁମାର ସେନ ଯୋଗ ଦେଇଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ୧୮ଜଣଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା ।

# ଜଳିଗଲା ଲକ୍ଷାଧିକ ଟଙ୍କାର ସମ୍ପତ୍ତି



ଅଗ୍ନିକାଣ୍ଡ କ୍ଷତିଗ୍ରସ୍ତ ପରିବାର ସହ ନୀଳଗିରି ବିଧାୟକ ଆଲୋଚନା କରୁଛନ୍ତି।

**ସଜନାଗଡ଼,୪।୩(ଡି.ଏନ.ଏ.):** ବାଲେଶ୍ୱର ଜିଲା ନୀଳଗିରି ବ୍ଲକ ଅଧୀନ ସଜନାଗଡ଼ ପଞ୍ଚାୟତ ଡାହିସାହି ଗ୍ରାମରେ ମଙ୍ଗଳବାର ରାତି ପ୍ରାୟ ୯ଟା ସମୟରେ ଆକସ୍ମିକ ଅଗ୍ନିକାଣ୍ଡ ଘଟି ବିଦ୍ୟାଧର ମାଣିକଙ୍କ ୨ ବଖରା ଜଳିଯାଇଛି। ଏଥିରେ ଲକ୍ଷାଧିକ ଟଙ୍କାର ଆସବାବପତ୍ର, ଧାନ, ଚାଉଳ ପୋଡ଼ି ପାଉଁଶ ହୋଇଯାଇଛି। ନୀଳଗିରିରେ ଅଗ୍ନିଶମବାହିନୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହଯୋଗରେ ନିଆଁକୁ ଆୟତ୍ତ କରିଥିଲା। ଅଗ୍ନିକାଣ୍ଡର କାରଣ ଜଣାପଡି ନାହିଁ । ବୁଧବାର ପୂର୍ବାହ୍ନରେ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ପହଞ୍ଚି ବିପନ୍ନ ପରିବାରକୁ ୨ହଜାର ଟଙ୍କା ସହାୟତା କରିବା ସହ ପ୍ରଶାସନସ୍ତରରେ ସାହାଯ୍ୟ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି।

### ଜାତୀୟ ନିରାପତ୍ତା ଦିବସ

**ସୋର, ୪।୩ (ଡି.ଏନ.ଏ.):** ସୋର ବ୍ଲକ ଅନ୍ତର୍ଗତ ନଟାପଡ଼ା ପଞ୍ଚାୟତର ୱାଦା ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜାତୀୟ ନିରାପତ୍ତା ଦିବସ ବୁଧବାର ପାଳିତ ହୋଇଥିଲା। ଏଥିରେ ଛାତ୍ରୀଛାତ୍ରମାନଙ୍କୁ ନେଇ ନିରାପତ୍ତା ସମ୍ବନ୍ଧୀୟ ପ୍ରକଳ୍ପପ୍ରଦର୍ଶନ କରାଯାଇଥିଲା। ପରେ ନିରାପତ୍ତା ଓ ସୁରକ୍ଷା ନେଇ ଏକ ସଚେତନ କାର୍ଯ୍ୟକ୍ରମ କରାଯାଇ ଗ୍ରାମ ପରିକ୍ରମା କରାଯାଇଥିଲା। ଅପରାହ୍ନରେ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ନାରାୟଣ ପ୍ରସାଦ ବାରିକଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଉକ୍ତ ସଭାରେ ୟୁଥ୍ ଓ ଇକୋ କ୍ଲବର ସଭ୍ୟାସଭ୍ୟ, ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକମାନେ ବକ୍ତବ୍ୟ ରଖିଥିଲେ। କଢ଼େଇ କ୍ଲଷ୍ଟର ସିଆର୍‌ସିସି ମୋନିନୁଲହୁଦା ଖାନ୍ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

# ବିର୍ଲା ଟାୟାର୍ସରେ ଜାତୀୟ ସୁରକ୍ଷା ସପ୍ତାହ



କର୍ମଚାରୀମାନେ ସୁରକ୍ଷା ସତ୍ୟ ପାଠ କରୁଛନ୍ତି।

**ବାଲେଶ୍ୱର ଅଫିସ, ୪।୩**

ବାଲେଶ୍ୱର ସହର ବାମପଦା ସ୍ଥିତ ଉତ୍ତରଓଡ଼ିଶାର ବୃହତ୍ ଶିଳ୍ପାନୁଷ୍ଠାନ ବିର୍ଲା ଟାୟାର୍ସ ଦ୍ୱାରା ୪୯ତମ ଜାତୀୟ ସୁରକ୍ଷା ସପ୍ତାହ ବୁଧବାର ପାଳିତ ହୋଇଯାଇଛି। ଏହି ଅବସରରେ ସଂସ୍ଥାର ବରିଷ୍ଠ କର୍ମକର୍ତ୍ତାଙ୍କ ଗହଣରେ ତଥା ସୁରକ୍ଷା କମିଟି ସଦସ୍ୟମାନଙ୍କ ଉପସ୍ଥିତିରେ ବାଲେଶ୍ୱର (ଫ୍ୟାକ୍ଟ୍ରି ଆଣ୍ଡ ବଏଲର) ବିଭାଗର ସହନିର୍ଦ୍ଦେଶକ କେଦାର ହାଁସଦା କାରଖନା ପରିସରରେ ସୁରକ୍ଷା ପତାକା ଉତ୍ତୋଳନ ପୂର୍ବକ ସପ୍ତାହବ୍ୟାପୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସୁରକ୍ଷା ସମ୍ବନ୍ଧିତ କାର୍ଯ୍ୟକ୍ରମଗୁଡ଼ିକ ଅଧିକରୁ ଅଧିକ କରାଯାଉ, ଯଦ୍ୱାରା କର୍ମଚାରୀମାନେ ସୁରକ୍ଷା ବିଷୟରେ ଅଧିକ ଅବଗତ ହୋଇପାରିବେ ବୋଲି ସେ କହିଥିଲେ।

ମାନବ ସମ୍ବଳ ବିଭାଗର ଦେବେନ୍ଦ୍ର କୁମାର ଧଳଙ୍କ ଅଧ୍ୟକ୍ଷତା ତଥା ସୁରକ୍ଷା ବିଭାଗର ବରିଷ୍ଠ ଅଧିକାରୀ ମନୋଜ କୁମାର ସାହୁଙ୍କ ସଂଯୋଜନାରେ ଦୀନେଶ କୁମାର ସାହୁ ଏବଂ ନିହାର ଆଚାର୍ଯ୍ୟ କର୍ମଚାରୀମାନଙ୍କୁ ସୁରକ୍ଷା ସତ୍ୟ ପାଠ କରାଇଥିଲେ। ତମ୍ବାଖୁ ସେବନର ଅପକାରିତା, ଗୃହ ସୁରକ୍ଷା ଏବଂ ସଡ଼କ ସୁରକ୍ଷା ପରି ଅନେକ ସଚେତନତା କାର୍ଯ୍ୟକ୍ରମ ଉପରେ ଆଲୋକପାତ କରାଯାଇଥିଲା। କାର୍ଯ୍ୟକ୍ରମରେ କାରଖାନାର ବରିଷ୍ଠ ଅଧିକାରୀ ସହ ଅନ୍ୟାନ୍ୟ ସମସ୍ତ ବର୍ଗର କର୍ମଚାରୀମାନେ ଯୋଗଦେଇଥିଲେ।

# ୩ ଦଫା ଦାବି ନେଇ ବିକ୍ଷୋଭ, ସ୍ମାରକପତ୍ର ପ୍ରଦାନ

**ବାଲେଶ୍ୱର ଅଫିସ, ୪।୩**

ଭାରତୀୟ ମଜଦୁର ସଂଘ (ବିଏମ୍ଏସ୍) ରାଜ୍ୟ କମିଟିର ନିଷ୍ପତ୍ତି ଅନୁଯାୟୀ ୩ ଦଫା ଦାବି ନେଇ ବୁଧବାର ପୂର୍ବାହ୍ନ ୧୧ଟା ସମୟରେ ବାଲେଶ୍ୱର ଜିଲା କମିଟି ତରଫରୁ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ରାଜ୍ୟ ଶ୍ରମ ସଚିବ ଏବଂ ଶ୍ରମ ଆୟୁକ୍ତଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ଜିଲା ଶ୍ରମ କମିଶନର ଓ ଜିଲା ଶ୍ରମ ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରାଯାଇଥିଲା।

ବିଏମ୍ଏସ୍‌ର ରାଜ୍ୟ ଉପସଭାପତି ପୃଥୀରାଜ ପଣ୍ଡାଙ୍କ ତତ୍ତ୍ୱାବଧାନରେ ସଂଘର ଶତାଧିକ କର୍ମକର୍ତ୍ତା ଆଇନ ଅନୁଯାୟୀ ୪୫ ଦିନ ମଧ୍ୟରେ ନୂତନ ୟୁନିୟନ ପଞ୍ଜୀକରଣ କରିବା, ଜିଲାରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ, ଅସଂଗଠିତ ଶ୍ରମିକ ତଥା ବିଭିନ୍ନ କଳକାରଖାନାରେ କାର୍ଯ୍ୟରତ ଶ୍ରମିକଙ୍କ ବିଭିନ୍ନ କାର୍ଯ୍ୟ ଠିକ୍ ସମୟରେ କରିବା ପାଇଁ ଶ୍ରମ ବିଭାଗରେ ଅଧିକ କର୍ମଚାରୀ ନିଯୁକ୍ତ କରିବା ଏବଂ ବ୍ଲକସ୍ତରରେ ଆଞ୍ଚଳିକ ଶ୍ରମ କାର୍ଯ୍ୟାଳୟ ସ୍ଥାପନ କରିବା ଇତ୍ୟାଦି ଦାବି କରି ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏ ଦିଗରେ ପଦକ୍ଷେପ ଗ୍ରହଣ କରା ନ ଗଲେ ଆଗାମୀ ଦିନରେ ଆନ୍ଦୋଳନ ଜୋରଦାର କରାଯିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଥିଲା। ଜିଲା କାର୍ଯ୍ୟକାରୀ ସଭାପତି ସଞ୍ଜୟ ସାମଲ, ଉପସଭାପତି ପଦ୍ମଭୂଷଣ ରାୟ, ଜିଲା ସମ୍ପାଦିକା ଶକୁନ୍ତଳା ଗୋଛାୟତ, ଅଶୋକ କୁମାର ନାୟକ, କରୁଣାକର ବେହେରା, ପ୍ରତାପ ଚନ୍ଦ୍ର ଗିରି, ହେମନ୍ତ ବାରିକ ପ୍ରମୁଖ ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସୂଚନା ଅଧିକାର ଅଭିଯାନ ସଂଘର ଧାରଣା, ଅନଶନ ପ୍ରତ୍ୟାହୃତ

**ବାଲିଆପାଳ,୪।୩(ଡି.ଏନ.ଏ.)**

ବାଲିଆପାଳର ୭ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ୧୪ ଡାକ୍ତର ପଦବୀ ପୂରଣ ଓ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଣ ଦାବିରେ ମଙ୍ଗଳବାରଠାରୁ ବାଲିଆପାଳ ସୂଚନା ଅଧିକାର ଅଭିଯାନ ସଂଘ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆଗରେ ଚଳାଇଥିବା ଧାରଣା ଅନଶନ ବୁଧବର ପ୍ରତ୍ୟାହୃତ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ବାନାର୍ଜୀ ପ୍ରସାଦ ଛୋଟରାୟ ବୁଧବାର ଧାରଣାସ୍ଥଳରେ ପହଞ୍ଚି ସମସ୍ତ ଦାବି ଆସନ୍ତା ଏକ ସପ୍ତାହ ମଧ୍ୟରେ ପୂରଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ଧାରଣାକାରୀମାନେ ଆନ୍ଦୋଳନରୁ ଓହରି ଯାଇଥିଲେ। ଉଲ୍ଲେଖନୀୟ ଯେ, ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସମେତ ବ୍ଲକର ମୋଟ୍ ୭ଟି ସ୍ୱାସ୍ଥ୍ୟକେନ୍ଦ୍ରରେ ୨୦ଟି ଡାକ୍ତରୀ ପଦବୀ ମଧ୍ୟରୁ ମାତ୍ର ୬ଜଣ ଡାକ୍ତର କାର୍ଯ୍ୟ କରୁଛନ୍ତି। ଫଳରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇପଡିଛି। ସଂଘର ଅନୁଜ କୁମାର ମହାପାତ୍ର, କୁଶଧ୍ୱଜ ଜେନା, ଗୋପିନାଥ ଗଙ୍ଗାଇ, ଶରତ ପାତ୍ର, ପ୍ରହ୍ଲାଦ ଘଡ଼ାଇ, ଦେବେନ୍ଦ୍ର ଦାସ, ବଳରାମ ବେହେରା, ଅକ୍ଷୟ ଦାସ, କାହ୍ନୁଚରଣ ପାତ୍ର ପ୍ରମୁଖ ଏହି ଧାରଣା ଅନଶନରେ ବସିଥିଲେ।

# ସରପଞ୍ଚଙ୍କ କ୍ଷମତା ସଂକୋଚନକୁ ବିରୋଧ

**ସୋର, ୪।୩ (ଡି.ଏନ.ଏ.):** ରାଜ୍ୟ ସରପଞ୍ଚ ସଂଘର ନିଷ୍ପତ୍ତି ଅନୁସାରେ ପଞ୍ଚାୟତିରାଜ ଦିବସକୁ ବର୍ଜନ କରିବା ଲାଗି ସୋର ସରପଞ୍ଚ ସଂଘ ବୁଧବାର ନିଷ୍ପତ୍ତି ନେଇଛି। ରାଜ୍ୟସରକାର ହସ୍ତକ୍ଷେପ କରି ସରପଞ୍ଚଙ୍କ କ୍ଷମତାକୁ ସଙ୍କୁଚିତ କରୁଛନ୍ତି ବୋଲି ସଂଘ ପକ୍ଷରୁ ଅଭିଯୋଗରେ ଦର୍ଶାଯାଇଛି। ସରପଞ୍ଚମାନଙ୍କୁ କାର୍ଯ୍ୟ କରିବା ପାଇଁ ସ୍ୱାଧୀନତା ପ୍ରଦାନ ଦାବିରେ ଉକ୍ତ ଦିବସକୁ ବର୍ଜନ କରିବାକୁ ସଂଘ ନିଷ୍ପତ୍ତି ନେଇଥିବା ସୋର ସରପଞ୍ଚ ସଂଘର ସଭାପତି ସତ୍ୟନାରାୟଣ ମହାପାତ୍ର ସୂଚନା ଦେଇଛନ୍ତି।

# ଡେକାନ ୱାରିୟର୍ସ ଓ ଝାଡ଼େଶ୍ୱର ୱାରିୟର୍ସ ବିଜୟୀ

**ବାଲେଶ୍ୱର ଅଫିସ,୪।୩**




ଖେଳାଳୀଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପ୍ରଦାନ କରାଯାଉଛି

ବାଲେଶ୍ୱର ସହର ସ୍ଥାନୀୟ ପରମିଟ୍ ପଡ଼ିଆରେ ବାଲେଶ୍ୱର ପ୍ରିମିୟର ଲିଗ୍ ସିଜନ୍-୧୧ର ବୁଧବାର ସପ୍ତମ ଦିନରେ ଦୁଇଟି ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ପ୍ରଥମ ମ୍ୟାଚ୍‌ଟି ଡେକାନ ୱାରିୟର୍ସ ଓ ବାଲେଶ୍ୱର ଲାୟନ୍ସ ଏବଂ ଦ୍ୱିତୀୟ ମ୍ୟାଚ୍‌ଟି ଝାଡ଼େଶ୍ୱର ୱାରିୟର୍ସ ଓ ଦି ଟାଇଟାନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଡେକାନ ୱାରିୟର୍ସ ଓ ଝାଡ଼େଶ୍ୱର ୱାରିୟର୍ସ ବିଜୟୀ ହୋଇଛନ୍ତି।

ପ୍ରଥମ ମ୍ୟାଚ୍‌ରେ ବର୍ଷା ଯୋଗୁଁ ୨୦ଓଭର ବିଶିଷ୍ଟ ଏହି ମ୍ୟାଚ୍‌ରେ ୧୦ ଓଭର ଖେଳ ହୋଇଥିଲା। ଏଥିରେ ଡେକାନ ଟସ୍ ହାରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୪ ଉଇକେଟ୍ ବିନିମୟରେ ୧୦୯ ରନ୍ କରିଥିଲା। ଜବାବରେ ଲାୟନ୍ସ ସମ୍ପୂର୍ଣ୍ଣ ୧୦ ଓଭର ଖେଳି ମଧ୍ୟ ୧୬ ରନ୍‌ରେ ପରାଜିତ ହୋଇଥିଲା। ଦଳ ୪ଟି ଉଇକେଟ୍ ହରାଇ ୯୩ ରନ୍ କରିପାରିଥିଲା। ଡେକାନ ୱାରିୟର୍ସ ଖେଳାଳୀ ପ୍ରଦୀପ୍ତ ଦାସଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ଝାଡ଼େଶ୍ୱର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ପୂର୍ବ ନିର୍ଦ୍ଧାରିତ ୧୫ ଓଭରରେ ୬ ଉଇକେଟ୍ ହରାଇ ୧୦୧ ରନ୍ କରିଥିଲା। ଜବାବରେ ଟାଇଟାନ୍ସ ୧୫ ଓଭରରେ ୮ ଉଇକେଟ୍ ହରାଇ ୯୮ ରନ୍ କରି ୩ ରନ୍‌ରେ ପରାସ୍ତ ହୋଇଥିଲା। ଝାଡ଼େଶ୍ୱର ତରଫରୁ ନରୋତ୍ତମ ଭଞ୍ଜ ସର୍ବାଧିକ ୪ଟି ଉଇକେଟ୍ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସାନ୍ତନୁ ଦାସ, ଅଶ୍ୱିନୀ ସାମଲ, ରାଜେଶ ମହାପାତ୍ର ଓ ପ୍ରୀତିରଞ୍ଜନ ବିଜୟ ସିଂ ମ୍ୟାଚ୍‌ଗୁଡ଼ିକୁ ପରିଚାଳନା କରିଥିବାବେଳେ ସୌମେନ୍ଦ୍ର ସାହୁ ଓ ରାହୁଲ ସିଂ ସ୍କୋରର ଦାୟିତ୍ୱରେ ଥିଲେ।

# କାର୍ଯ୍ୟ ପୂର୍ଣ୍ଣାଙ୍ଗ ଲାଗି ଦାବି ଜୋର

**ବାଲେଶ୍ୱର ଅଫିସ,୪।୩**

ବାଲେଶ୍ୱର ସହର ଉପକଣ୍ଠ ଈଶାଣୀ ପଡ଼ିଆରେ ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟାଡ଼ିୟମ ନିମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ କରିବା ଲାଗି ଦାବି ଜୋର ଧରିଛି। ଏହାମଧ୍ୟରେ ଏକ ପ୍ରତିନିଧି ଦଳ ଦିଲ୍ଲୀ ଗସ୍ତରେ ଯାଇ ଓଡ଼ିଶାରୁ ରାଜ୍ୟ ସଭାକୁ ପ୍ରତିନିଧିତ୍ୱ କରୁଥିବା ଏମ୍‌ପିମାନଙ୍କ ସହ ଆଲୋଚନା କରିଛନ୍ତି। ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା ଓ ସାରଗାଁ ସରପଞ୍ଚ ରବୀନ୍ଦ୍ର କୁମାର ନାୟକ ମିନି ଷ୍ଟାଡ଼ିୟମ୍ ପଡ଼ିଆର ଉନ୍ନତି ପାଇଁ ଯଥାକ୍ରମେ ବିଧାୟକ ପାଣ୍ଠିରୁ ୨ଲକ୍ଷ ଏବଂ ରାଜ୍ୟ ସରକାରଙ୍କ ମିନି ଜଳପ୍ରକଳ୍ପ ପାଣ୍ଠିରୁ ସରପଞ୍ଚଙ୍କ ଦ୍ୱାରା ୩ଲକ୍ଷ ୧୬ହଜାର ଟଙ୍କାର ଅନୁଦାନ ପ୍ରଦାନ କରାଯାଇଥିବା ନେଇ ଈଶାଣୀ ଉଡ଼ାଯାତ୍ରା ପଡ଼ିଆରେ ସପ୍ତମ ବୈଶାଖୀ ମହୋତ୍ସବ ଆୟୋଜନ ଲାଗି ବୁଧବାର ବସିଥିବା ବୈଠକରେ କମିଟିର କାର୍ଯ୍ୟକାରୀ ସଭାପତି କବି ଶ୍ରୀଦେବ ସୂଚନା ଦେଇଛନ୍ତି। ଚଳିତବର୍ଷ ବାସନ୍ତୀ ପୂଜା ମାର୍ଚ୍ଚ ୩୦ରେ ପଡୁଥିବାରୁ ପ୍ରଥମେ ଏହି ପୂଜା ଶେଷ ହେବା ପରେ ଐତିହାସିକ ଉଡ଼ା ଯାତ୍ରାକୁ ଆକର୍ଷଣୀୟ କରାଯାଇ ବୈଶାଖୀ ମହୋତ୍ସବ ପ୍ରସ୍ତୁତ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ବୈଠକରେ ସଭାପତି ଆଇନଜୀବୀ ଅଶୋକ ସେନାପତି ପୌରୋହିତ୍ୟ କରିଥିଲେ। ସାଧାରଣ ସମ୍ପାଦକ ଭାଗବତ ସାହୁ ୨୩ତମ ବାସନ୍ତୀ ପୂଜା ତଥା ୩୫ତମ ଉଡ଼ାଯାତ୍ରାର କାର୍ଯ୍ୟାବଳୀ

**ଲବଣ ସତ୍ୟାଗ୍ରହ ସ୍ମାରକୀ ମିନି ଷ୍ଟାଡିୟମ ନିର୍ମାଣ ପ୍ରସଙ୍ଗ**

ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ବୈଶାଖୀ ମହୋତ୍ସବ ପାଇଁ ନୂତନ ଅଭ୍ୟର୍ଥନା କମିଟି ଗଠନ କରାଯାଇ ରେମୁଣା ବିଧାୟକ ପରିଡ଼ାଙ୍କୁ ଅଧ୍ୟକ୍ଷ ଭାବରେ ମନୋନୀତ କରାଯାଇଥିଲା। ଅନ୍ୟାନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।



ବୈଶାଖୀ ମହୋତ୍ସବ ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ଗୁରୁବାର, ମାର୍ଚ୍ଚ ୫/୨୦୨୦ Balasore, Thursday, March 5/2020




# ଦ୍ୱାରଶୁଣୀ ଘାଟିରେ ବସ୍-ଟ୍ରକ ଧକ୍କା: ୭ ଆହତ

**ବାଙ୍ଗିରିପୋଷି,୪।୩(ଡ଼ି.ଏନ୍.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଦେଇ ଯାଇଥିବା ୪୯ନଂ. ଜାତୀୟ ରାଜପଥର ଦ୍ୱାରଶୁଣୀ ଘାଟିରେ ପୁଣି ଏକ ଦୁର୍ଘଟଣା ଘଟିଛି । ବୁଧବାର ଅପରାହ୍ନ ସାଢେ ଗୋଟାଏ ବେଳେ ଏକ ଯାତ୍ରୀବାହି ବସ୍‌କୁ ଧକ୍କା ଦେଇ ଲୁହାପଥର ଗୁଣ୍ଡ ବୋଝେଇ ଟ୍ରକ ୫୦ ଫୁଟ ତଳକୁ ଓଲଟି ପଡ଼ିଛି। ଏହି ଦୁର୍ଘଟଣାରେ ୭ ଜଣ ଆହତ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ବାରିପଦାରୁ ବାଦାମପାହାଡ଼ ଯାଉଥିବା ଯାତ୍ରୀବାହି ବସ୍ (ଓଡ଼ି୧୧ଆର-୫୧୦୩)କୁ ଘାଟିର ପ୍ରଥମ ବଙ୍କାଣିରେ ବିପରୀତ ଦିଗ ଯୋଡାରୁ ପଶ୍ଚିମବଙ୍ଗର ହଳଦିଆ ଅଭିମୁଖେ ଯାଉଥିବା ଟ୍ରକ (ଏଲ୦୧ଏନ-୨୬୬୬) ଧକ୍କାଦେଇ ରାସ୍ତାରୁ ୫୦ ଫୁଟ ଦୂର ଏକ ନାଳ ମଧ୍ୟକୁ ଓଲଟି ପଡିଥିଲା। ଖବର ପାଇ ବାଙ୍ଗିରିପୋଷି ଅଗ୍ନିଶମ ବିଭାଗ କର୍ମଚାରୀ ଏବଂ ପୋଲିସ ଘଟଣାସ୍ଥଳରେ ପହଞ୍ଚି ବସରେ ଥିବା ଯାତ୍ରୀମାନଙ୍କୁ ଉଦ୍ଧାର କରି ବାଙ୍ଗିରିପୋଷି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକତ୍ସା ପାଇଁ ଭର୍ତ୍ତି କରିଥିଲେ । ଟ୍ରକ ଚାଳକ ଚାପି ହୋଇ ରହିଥିବାରୁ ବହୁ ସମୟ ପରେ ତାଙ୍କୁ ଉଦ୍ଧାର କରାଯାଇଥିଲା। ଏନେଇ ବାଙ୍ଗିରିପୋଷି ଥାନାରେ ଏକ ମାମଲା (ନଂ.୨୦/୨୦୨୦) ରୁଜୁ ହୋଇଛି।


ଦୁର୍ଘଟଣା ପରେ ଓଲଟି ପଡ଼ିଥିବା ଟ୍ରକ।

# ଦୁର୍ଘଟଣାରେ ଜଣେ ମୃତ, ୩ ଗୁରୁତର

**ଭଦ୍ରକ ଅଫିସ, ୪।୩:** ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥ ଚରମ୍ପା-ଧାମରା ଓଭରବ୍ରିଜ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିବାବେଳେ ୩ ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ବାସୁଦେବପୁର ସୁରେଶରପୁର ଗ୍ରାମର ରାଜେଶ ମଲ୍ଲିକ ବୋଲି ଜଣାପଡ଼ିଛି। ସୂଚନା ଅନୁସାରେ, ରାତିରେ ବିବାହ ଭୋଜି ସାରି ଭଦ୍ରକ ଆଡୁ ୪ ଯୁବକ ଏକ ସୁଇଫ୍ଟ ଡିଜାୟାର ଗାଡ଼ିରେ ବାସୁଦେବପୁର ମନ୍ଦାରୀ ଅଭିମୁଖେ ଯାଉଥିଲେ। ଧାମରା ଓଭରବ୍ରିଜ ନିକଟରେ ରାସ୍ତାକଡ଼ରେ ଅଟକିଥିବା ଏକ କଣ୍ଟେନରକୁ ପଛପଟୁ ଏହି ଗାଡ଼ି ଧକ୍କା ଦେଇଥିଲା। ଫଳରେ ଗାଡ଼ିର ସମ୍ମୁଖ ଭାଗ କଣ୍ଟେନର ପଛପଟୁ ଭିତରକୁ ପଶି ଯାଇଥିଲା। ଖବର ପାଇ ଭଦ୍ରକ ଅଗ୍ନିଶମ କର୍ମଚାରୀ, ସାମାଜିକ ସଙ୍ଗଠନ ଶହୀଦ ଭଗତସେନା, ବିଏସ୍ଏସ୍ ଓ ଯୁଡି ଗ୍ରୁପର ସଦସ୍ୟମାନେ ଦୁର୍ଘଟଣା ସ୍ଥଳରେ ପହଞ୍ଚି ସୁଇଫ୍ଟ ଡିଜାୟାରର ପଛପଟେ ବସିଥିବା ୨ ଜଣଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପରେ କଟରରେ ଗାଡ଼ିକୁ କାଟି ଅନ୍ୟ ୨ ଜଣଙ୍କୁ ଉଦ୍ଧାର କରି ମେଡିକାଲକୁ ପଠାଇଥିଲେ। ସେମାନଙ୍କ ମଧ୍ୟରୁ ରାଜେଶଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ଜଗବନ୍ଧୁ ନାୟକ, ଚିନ୍ମୟ ଭୋଇ ଓ ପିଣ୍ଟୁ ମଲ୍ଲିକଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ସେମାନଙ୍କ ମଧ୍ୟରୁ ପିଣ୍ଟୁଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡ଼ିଛି।

# କରୋନା ସନ୍ଦିଗ୍ଧଙ୍କୁ ନେଇ ଚର୍ଚ୍ଚା

**କେନ୍ଦୁଝର, ୪।୩(ସ୍ୱ.ପ୍ର.)–** ଆଣ୍ଡାମାନରୁ ଫେରିଥିବା ଜଣେ ବ୍ୟକ୍ତିଙ୍କୁ କରୋନା ସନ୍ଦେହରେ କେନ୍ଦୁଝର ଜିଲା ହରିଚନ୍ଦନପୁର ଡାକ୍ତରଖାନାର ଜଣେ ଡାକ୍ତର କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ଘର ହରିଚନ୍ଦନପୁର ବ୍ଲକ ଅଞ୍ଚଳରେ। ସେ କିଛି ଦିନ ହେଲା ଆଣ୍ଡାମାନରୁ ଫେରି ଅସୁସ୍ଥ ଥିଲେ। ତାଙ୍କୁ ଜିଲା ମୁଖ୍ୟ ଡାକ୍ତରଖାନାକୁ ଅଣାଯାଇ ଚିକିତ୍ସା କରାଯାଇଥିଲା। ଏ ନେଇ କେନ୍ଦୁଝର ସିଡିଏମଓ ଡ. ଅଶୋକ ଦାସ କହିଛନ୍ତି ଯେ, ଚିକିତ୍ସା ବେଳେ ସମ୍ପୃକ୍ତ ରୋଗୀ ଆଜ୍‌ମା ରୋଗରେ ପୀଡିତ ଥିବା ଜଣାପଡିଛି। କରୋନା ଆକ୍ରାନ୍ତ ଘଟଣା ମିଛ। ତାଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ପରେ ସେପରି କିଛି ନ ଥିବାରୁ ସେ ଘରକୁ ଫେରି ଯାଇଛନ୍ତି।

# ୪ ଜଣଙ୍କ ନାଁରେ ମାମଲା, ବଡ଼ଭାଇ ଗିରଫ

**ବସ୍ତା, ୪।୩,(ଡି.ଏନ.ଏ.):** ବାଲେଶ୍ୱର ଜିଲା ବସ୍ତା ଥାନା ଅନ୍ତର୍ଗତ ବାହାର୍ଦ୍ଦା ଗ୍ରାମରେ ଜମିବାଡି ବିବାଦ ଜନିତ ପୂର୍ବ ଶତ୍ରୁତାକୁ ନେଇ ଘଟିଥିବା ପାରିବାରିକ ସଂଘର୍ଷ ଘଟଣାରେ ପୋଲିସ ୪ ଜଣଙ୍କ ନାମରେ ମାମଲା ରୁଜୁ କରି ବଡଭାଇ ନିରଞ୍ଜନ ବେହେରାଙ୍କୁ ଗିରଫ କରିଛି । ମଙ୍ଗଳବାର ଏହି ଗ୍ରାମର ରାମଚନ୍ଦ୍ର ବେହେରାଙ୍କ ୩ ପୁଅ ମନୋରଞ୍ଜନ, ଚିତ୍ତରଞ୍ଜନ ଓ ନିରଞ୍ଜନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏଥିରେ ଚିତ୍ତରଞ୍ଜନ ଗୁରୁତର ଆହତ ହୋଇଥିଲେ । ତାଙ୍କୁ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସ ସହାୟତାରେ ପ୍ରଥମେ ବାଲେଶ୍ୱର ଓ ପରେ କଟକ ବଡ ମେଡିକାଲକୁ ଚିକିତ୍ସା ପାଇଁ ନେଇଥିଲେ। ଏହି ଘଟଣା ପରେ ଦୁଇ ଭାଇ ଫେରାର ହୋଇଯାଇଥିଲେ । ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେବା ଯୋଗୁ ପୋଲିସ ମୁତୟନ କରାଯାଇଥିଲା । ଏ ନେଇ ଗୁରୁତର ଚିତ୍ତରଞ୍ଜନଙ୍କ ସ୍ତ୍ରୀ କବିତାରାଣୀ ବେହେରା ଥାନାରେ ବୁଧବାର ଲିଖିତ ଅଭିଯୋଗ କରିଥିଲେ । ଉକ୍ତ ଅଭିଯୋଗକୁ ଭିତ୍ତି କରି ପୋଲିସ ୪ଜଣଙ୍କ ନାମରେ ମାମଲା (ନଂ.୫୦/୨୦) ରୁଜୁ କରି ବଡଭାଇ ନିରଞ୍ଜନକୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗୁରୁତର ଅବସ୍ଥାରେ ଚିତ୍ତରଞ୍ଜନ କଟକ ବଡ଼ମେଡିକାଲରେ ଚିକିତ୍ସାଧୀନ ରହିଛନ୍ତି।

**ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ସଂଘର୍ଷ ଘଟଣା**





3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଜଳିଗଲା ଦୁଇ ବଖରା

ପାଟଣା,୪।୩(ସ୍ୱ.ପ୍ର.)- କେନ୍ଦୁଝର ଜିଲା ପାଟଣା ବ୍ଲକ ଅନ୍ତର୍ଗତ କଣ୍ଟିଆପଡା ଗ୍ରାମରେ ବୁଧବାର ସକାଳେ ବିଦ୍ୟୁତ ସର୍ଟ ସର୍କିଟ ଯୋଗୁ ଅଗ୍ନିକାଣ୍ଡ ଘଟି ଦିଲ୍ଲୀପ ମହାନ୍ତଙ୍କ ଦୁଇ ବଖରା ଘର ପୋଡି ଯାଇଛି। ଖବର ପାଇ ଘଟଣା ସ୍ଥଳରେ ପାଟଣା ଅଗ୍ନିଶମ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଛନ୍ତି। ଘରେ କେହି ନ ଥିବା ବେଳେ ସର୍ଟ ସର୍କିଟ ଯୋଗୁ ଏଭଳି ଅଗ୍ନିକାଣ୍ଡ ଘଟିଥିବା ଜଣା ପଡ଼ିଛି। ତେବେ ଅଗ୍ନିକାଣ୍ଡରେ ଘରର ଆସବାବପତ୍ର ଓ ଲୁଗା ପଟା ଜଳି ନଷ୍ଟ ହୋଇଯାଇଛି।

### ଗାଡ଼ି ଧକ୍କାରେ ଜଣେ ମୃତ

ଯୋଡ଼ା, ୪।୩(ଡି.ଏନ.ଏ.)- କେନ୍ଦୁଝର ଜିଲା ବାମେବାରୀ ଥାନା ଅନ୍ତର୍ଗତ ବିପ୍ଲଟଠାରେ ଏକ ଅଜଣା ଗାଡି ଧକ୍କାରେ ଭାଇଗୋ ମୁଣ୍ଡା (୨୦) ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ମଙ୍ଗଳବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ବିପ୍ଲଟଠାରେ ଜଲହରି ଆଇଟିସି ଗ୍ରାମର ଲୋଡିଂ ସ୍ଲିପ ଆଣିବାକୁ ଯାଉଥିବା ବେଳେ କୌଣସି ଏକ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏନେଇ ଏକ ମାମଲା (ନଂ. ୩୩/୨୦୨୦) ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ବାମେବାରୀ ଥାନା ଓଆଇସି ଅମିତାଭ୍ ଦାସ ସୂଚନା ଦେଇଛନ୍ତି। ଭାଇଗୋ ଏକ ଡମ୍ପରରେ ହେଲପର ଭାବେ କାର୍ଯ୍ୟ କରୁଥିଲେ।

### ଘର ତାଲା ଭାଙ୍ଗି ଟଙ୍କା, ଅଳଙ୍କାର ଚୋରି

ଯୋଡ଼ା, ୪।୩(ଡି.ଏନ.ଏ.)- କେନ୍ଦୁଝର ଜିଲା ଯୋଡା ସହରର ଡିବିସିଂ ଛକ ନକଟରେ ଭଡାରେ ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ସୁନା ଅଳଙ୍କାର ସହିତ ନଗଦ ଟଙ୍କା ଚୋରି ହୋଇଯାଇଥିବା ନେଇ ମଙ୍ଗଳବାର ଯୋଡା ଥାନାରେ ଅଭିଯୋଗ ହୋଇଛି। ଡିବିସିଂ ଛକ ନିକଟରେ ଏକ ଭଡା ଘରେ ରହୁଥିବା ଅଜୟ୍ କୁମାର ପାତ୍ର ଓ ତାଙ୍କ ପରିବାର ଲୋକ ରାଉରକେଲାସ୍ଥିତ କନସର, ତାଙ୍କ ଗ୍ରାମକୁ ଯାଇଥିଲେ। ମଙ୍ଗଳବାର ସେ ଓ ତାଙ୍କ ପରିବାର ଗ୍ରାମରୁ ଫେରିବା ପରେ, କେହି ଦୁର୍ବୃତ୍ତ ତାଙ୍କ ଘରର ତାଲା ଭାଙ୍ଗି ଆଲମାରିରୁ ଗୋଟିଏ ମୁଦି, ସୁନା ଚେନ୍ , ଗୋଟିଏ ମଙ୍ଗଳ ସୂତ୍ର , ଗୋଟିଏ ପଦକ ଓ ହଳେ କାନଫୁଲ ସହିତ ନଗଦ ୧୦ ହଜାର ଟଙ୍କା ଚୋରି କରି ନେଇଥିବା ଜାଣିବାକୁ ପାଇଥିଲେ। ଏନେଇ ସେ ଯୋଡା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏନେଇ ଏକ ମାମଲା ରୁଜୁ କରି ଏହାର ତଦନ୍ତ ଚଳାଇଛି।

### ଜାତୀୟ ସୁରକ୍ଷା ଦିବସ

ପାଟଣା,୪।୩(ସ୍ୱ.ପ୍ର.)- ପାଟଣା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଜାତୀୟ ସୁରକ୍ଷା ଦିବସ ପାଳିତ ହୋଇଯାଇଛି। ମାର୍ଚ୍ଚ ୪ରୁ ୧୦ ତାରିଖ ଯାଏଁ ସପ୍ତାହେ ବ୍ୟାପୀ ଏହି ଦିବସ ପାଳିତ ହୋଇଥାଏ। ଏହି ଅବସରରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କୁ ନେଇ ୩୫ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ସୁରକ୍ଷା ନେଇ ପିଲାମାନଙ୍କ ମଧ୍ୟରେ ପ୍ଲାକାର୍ଡ ଓ ସ୍ଲୋଗାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବ ବିଦ୍ୟାଳୟର ଶିକ୍ଷକ କମଳାକାନ୍ତ ପତିଙ୍କ ଅଧ୍ୟକ୍ଷତାରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନଶିକ୍ଷକ କ୍ଷେତ୍ରମୋହନ ମହାନ୍ତ, ସମ୍ମାନିତ ଅତିଥି ଭାବେ ଶିକ୍ଷକ ପ୍ରକାଶ କୁମାର ମିଶ୍ର, ସୁନିତା ବେହେରା, ସସ୍ମିତା ନାୟକ ଓ ଦୀପାଞ୍ଜଳି ସେଠୀ ପ୍ରମୁଖ ଯୋଗଦେଇ ପ୍ଲାକାର୍ଡ ଓ ସ୍ଲୋଗାନ ପ୍ରତିଯୋଗିତାରେରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ।

# ଫୁଲଚାଷ ଆଣିଛି ନୂଆ ଆଶା

କେନ୍ଦୁଝର, ୪।୩ (ସ୍ୱ.ପ୍ର.)

ପାରମ୍ପରିକ କୃଷିଠାରୁ ଚାଷୀମାନେ ମୁହଁ ଫେରାଇ କ୍ରମେ ଅଣପାରମ୍ପରିକ କୃଷି ପ୍ରତି ମନ ବଳାଉଛନ୍ତି। ଜଳବାୟୁ ପରିବର୍ତ୍ତନ, ଅନିୟମିତ ବର୍ଷା ଆଦି କାରଣରୁ ଫସଲରେ ହେଉଥିବା କ୍ଷତି ରୋକିବା ପାଇଁ କେନ୍ଦୁଝର ଜିଲାର ସଦର ବ୍ଲକ ଅଞ୍ଚଳରେ କେତେକ ଚାଷୀ ଫୁଲ ଚାଷ କରି ବେଶ୍ ଦୁଇ ପଇସା ରୋଜଗାର କରୁଛନ୍ତି। ଏହା ସେମାନଙ୍କୁ କରିପାରିଛି ଆତ୍ମନିର୍ଭରଶୀଳ। କିନ୍ତୁ ପ୍ରୋତ୍ସାହନ ମିଳୁ ନ ଥିବାରୁ ସମସ୍ତେ ଏହାକୁ ରୋଜଗାରର ମାଧ୍ୟମ ଭାବେ ଗ୍ରହଣ କରିପାରୁନାହାନ୍ତି। ସେପଟେ ପର୍ଯ୍ୟାପ୍ତ ପରିମାଣର ଫୁଲ ଚାଷ ହେଉ ନ ଥିବାରୁ ଲୋକେ କୋଲକାତା ଫୁଲ ଉପରେ ମଧ୍ୟ ନିର୍ଭରଶୀଳ। ଏବେ ସ୍ଥାନୀୟ ଅଞ୍ଚଳର ଫୁଲ ଚାଷ ଚାହିଦା ମେଣ୍ଟାଉଥିବାବେଳେ ମୃତ୍ତିକା ଓ ଜଳବାୟୁ ଫୁଲ ଚାଷ ଅନୁକୂଳ ହୋଇଥିବାରୁ ଅଳ୍ପ ଖର୍ଚ୍ଚରେ ଅଧିକ ଲାଭ ମିଳିବା ସମ୍ଭବ ହେଉଛି। ଏହାକୁ ଅଧିକ ଲୋକ ଗ୍ରହଣ କଲେ ଆଉ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ପଡ଼ନ୍ତା ନାହିଁ ବୋଲି ମତପ୍ରକାଶ ପାଉଛି।

କେନ୍ଦୁଝର ସଦର ବ୍ଲକର ମନୋହରପୁର ଗ୍ରାମର କ୍ଷେତ୍ରବାସୀ ନାଏକ ସହରର ବିଜୁଛକ ନିକଟରେ ପ୍ରତ୍ୟେକ ଦିନ ପୂଜା ପାଇଁ ଫୁଲ ବିକନ୍ତି।



ସଦର ବ୍ଲକ ମନୋହରପୁରର ଚାଷୀ କ୍ଷେତ୍ରବାସୀ।



କୋଲକତା ବେପାରୀ ପୂର୍ଣ୍ଣଚନ୍ଦ୍ର।

ଅଧିକ ଲାଭ ନାହିଁ ବୋଲି ଗ୍ରାମରେ ଅନ୍ୟମାନେ କରନ୍ତି ନାହିଁ। ସେ ଏକୁଟିଆ ଫୁଲ ଚାଷ କରୁଥିବା କୁହନ୍ତି। ପ୍ରାୟ ୭ ବର୍ଷ ହେଲା ସେ ଏହି ଚାଷ କରିଆସୁଛନ୍ତି । ଗେଣ୍ଡୁ, ସେବତୀ, ମନ୍ଦାର, ଟଗର, ଗୋଲାପ ଆଦି ଫୁଲ ଚାଷ କରିଥିବା କୁହନ୍ତି। ଗତବର୍ଷ ଲକ୍ଷାଧିକ ଟଙ୍କାର ଫୁଲ ବିକିଥିବା କହିଛନ୍ତି। ଏଥିପାଇଁ ସେ ପ୍ରାୟ ୪୦ ହଜାର ଟଙ୍କା ଖର୍ଚ୍ଚ କରିଥିଲେ । ଭୋର୍‌ରୁ ଗ୍ରାମରୁ ଫୁଲ ଧରି ସହରକୁ ଆସିଥାନ୍ତି । ଭାଗ ୧୦ ଟଙ୍କାରେ ବିକିଥାନ୍ତି । ଏହି କାମରେ ପରିବାର ଲୋକ ମିଶି କାମ କରିଥାନ୍ତି । କିଲୋ ୭୦/୮୦ ଟଙ୍କାରେ ବିକିଥାଉ। ଅନେକ ସମୟରେ ଗ୍ରାମାଞ୍ଚଳର ଚାଷୀ ଏବଂ ପାହାଡିଆ ଅଞ୍ଚଳରୁ ଆଦିବାସୀମାନେ ଫୁଲ ଆଣି ବଜାରରେ ବିକୁଥିବା ଦେଖିବାକୁ ମିଳେ। ଏଣୁ ପ୍ରୋତ୍ସାହନ ମିଳିଲେ କେନ୍ଦୁଝରର ଆବଶ୍ୟକତା ଫୁଲ ଏହି ଜିଲାରୁ ମିଳିପାରିବ ଏବଂ ବାହାର ଫୁଲ ଉପରେ ନିର୍ଭର କରିବେ ନାହିଁ ବୋଲି ଚାଷୀମାନେ ମତବ୍ୟକ୍ତ କରୁଛନ୍ତି।

କେନ୍ଦୁଝର ଜିଲାରେ ଅନେକ ଲୋକ ଫୁଲ ଚାଷ କରି ବେଶ୍ ଦୁଇ ପଇସା ପାଉଛନ୍ତି । କିନ୍ତୁ ପ୍ରୋତ୍ସାହନ ଅଭାବରୁ ପର୍ଯ୍ୟାପ୍ତ ପରିମାଣରେ ଫୁଲ ଚାଷ ହୋଇପାରୁନି। ଏଣୁ ଏଠାରେ କୋଲକାତା ଫୁଲର ଚାହିଦା ଅଧିକ ରହିଛି। କେନ୍ଦୁଝର ଜିଲା ମୁଖ୍ୟାଳୟରେ ଫୁଲ ବିକ୍ରି ହେଉଛି। ବସ୍‌ରେ ଅଣାଯାଉଛି। ତୁଳସୀ ପତ୍ର ମିଶାଇ ରଖିଲେ ବାସି ହୁଏନି ବୋଲି ଲୋକଙ୍କ ବିଶ୍ୱାସ ରହିଛି ବୋଲି କୋଲକାତାରୁ ଆସି ଫୁଲ ବ୍ୟବସାୟ କରୁଥିବା ଜଣେ ବ୍ୟବସାୟୀ ପୂର୍ଣ୍ଣଚନ୍ଦ୍ର ବାଲା କୁହନ୍ତି। ତାଙ୍କ ଘର କୋଲକାତାର ଦେଉଲିଆ। ସେ କଲାଘାଟରୁ ଫୁଲ ଆଣିଥାନ୍ତି। ସେ କେନ୍ଦୁଝରରେ ଦୈନନ୍ଦିନ ପୂଜା ପାଇଁ ଭାଗ ୧୦ ଟଙ୍କାରେ ବିକ୍ରି କରିଥାନ୍ତି ବୋଲି କହିଛନ୍ତି। ଓଡ଼ିଶାର ବିଭିନ୍ନ ସ୍ଥାନରେ ୫ ବର୍ଷ ହେଲା ସେ ଫୁଲ ବିକ୍ରି କରୁଛନ୍ତି। କେନ୍ଦୁଝରରେ ୨ ମାସ ହେଲା ଫୁଲ ଆଣି ବିକୁଥିବା କହିଛନ୍ତି । ଏଠାରେ ଭୋର ୫ ଟାରୁ ଫୁଲ ବିକ୍ରି ଆରମ୍ଭ କରିଥାନ୍ତି। ସକାଳ ୭ଟା ପର୍ଯ୍ୟନ୍ତ ବିକ୍ରି ହୋଇଯାଇଥାଏ ବୋଲି କୁହନ୍ତି ।

ପ୍ରତ୍ୟେକ ଦିନ ଚାହିଦା ମୁତାବକ ବସ ଯୋଗେ କୋଲକାତାରୁ ଫୁଲ ମଗାଇ ଏଠାରେ ରାସ୍ତା କଡରେ ବିକିଥାନ୍ତି। ତାଙ୍କଠାରୁ ଏଠାକାର ବ୍ୟବସାୟୀମାନେ ଫୁଲ କିଲୋ ହିସାବରେ କିଣି ନେଇ ଅନ୍ୟ ସ୍ଥାନରେ ବିକିଥାନ୍ତି। ଗେଣ୍ଡୁ ଫୁଲ କିଲୋ ପ୍ରତି ୫୦ ଟଙ୍କାରେ ଦିନକୁ ପାଖାପାଖି ୫୦/୬୦ କିଲୋ ବିକିଥାନ୍ତି ବୋଲି କୁହନ୍ତି । ମନ୍ଦାର ଗୋଟିକୁ ୪୦ ପଇସାରେ ବିକିଥାନ୍ତି । ରଜନୀ ଗନ୍ଧା ଫୁଲ କିଲୋ ୬ ଶହ ଟଙ୍କାରେ ବିକିଥାନ୍ତି । ଗୋଟିଏ କିଲୋରେ ୫୦ ଟଙ୍କା ଲାଭ ପାଇଥାନ୍ତି। ଏଠାକାର ଫୁଲ ବେଶି ଦିନ ରୁହେ ନାହିଁ। କମ ଦିନରେ ନଷ୍ଟ ହୋଇଯାଏ । କିନ୍ତୁ କୋଲକାତା ଫୁଲ ଫ୍ରିଜରେ ରଖିଲେ ପାଖାପାଖି ୭ ଦିନ ପର୍ଯ୍ୟନ୍ତ ରହିଯାଏ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ମୁଖରେ ହରିନାମ**
**ରାତିରେ ଚୋରିକାମ ।**

ଆକୃତି ବା ବାହ୍ୟ ସ୍ୱରୂପ ଦେଖି ପ୍ରକୃତି ବିଷୟରେ ଅନ୍ଦାଜ ଲଗାଇବା କଷ୍ଟକର ହୋଇଥାଏ। ସାଧୁବେଶ ହୋଇ ହରିନାମ ଗାଇ କିଛି କପଟୀ ସ୍ୱଭାବର ବ୍ୟକ୍ତି ଅନ୍ୟକୁ ପ୍ରଭାବିତ କରି ନିଜ ମନ୍ଦ ଉଦ୍ଦେଶ୍ୟ ଚରିତାର୍ଥ କରାଇବାରେ ବେଶ୍ ସିଦ୍ଧହସ୍ତ ହୋଇଥାନ୍ତି। ସରଳତାର ସୁଯୋଗ ନେଇ ବିଶ୍ୱାସ ଜନ୍ମାଇ ଅନ୍ୟକୁ ଠକି ଚାଲିଥାନ୍ତି। ଉପରକୁ ସାଧୁବେଶ ଧାରଣ ଅଥଚ ଭିତରେ ମନ୍ଦ ଆଚରଣ। ଭଣ୍ଡ ବା ଶଠ ପ୍ରକୃତିର ବ୍ୟକ୍ତିଙ୍କ ଏତାଦୃଶ ମନ୍ଦ ଚରିତ୍ର ପ୍ରତି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ମୁଣ୍ଡରେ ପଗଡ଼ି ପାଦରେ ତେଲ**
**ବଇଦ ସାଙ୍ଗରେ କରିବ ଗେଲ ।**

ମୁଣ୍ଡରେ ପଗଡ଼ି ବାନ୍ଧିଲେ ଖରାଦାଉରୁ ରକ୍ଷା ମିଳିଥାଏ। ସେହିପରି ପାଦରେ ତେଲ ଲଗାଇବା ଦ୍ୱାରା ପାଦ ଚିକ୍କଣ ହେବା ସହ ଗୋଇଠି ଫାଟି ନ ଥାଏ । ପଗଡ଼ି ଓ ତେଲ ଉଭୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ ହେଉଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲି:

# ଖୋଲିଲା ଆଶୁ ଚିକିତ୍ସା ୱାର୍ଡ, ଇସିଜି ବିଭାଗ



ଉପଖଣ୍ଡ ଚିକିତ୍ସାଳୟରେ ବିଧାୟିକା ମୀନାକ୍ଷୀ ମହାନ୍ତଙ୍କ ସହ ଅନ୍ୟମାନେ।

ଚମ୍ପୁଆ,୪।୩(ଡି.ଏନ.ଏ)

ଚମ୍ପୁଆ ଉପଖଣ୍ଡ ଚିକିତ୍ସାଳୟରେ ମଙ୍ଗଳବାର ବିଧାୟିକା ମିନାକ୍ଷୀ ମହାନ୍ତ ଯୋଗଦେଇ ଆଶୁ ଚିକିତ୍ସା ୱାର୍ଡ ଓ ଇସିଜି ବିଭାଗ ଉଦ୍‌ଘାଟନ କରିଛନ୍ତି। ଏହି ଉଦ୍‌ଘାଟନୀ ଉତ୍ସବରେ ଉପଜିଲାପାଳ ପ୍ରତାପ ପ୍ରତିମୟ, ଏସଡିଏମଓ ଉମାକାନ୍ତ ସାହୁ, ଡାକ୍ତର ଭୀଷ୍ମ ପରିଡା, ଡାକ୍ତର ଜ୍ୟୋତିରଞ୍ଜନ ମଲ୍ଲିକ, ଏବିଡିଓ ଶରତ ଚନ୍ଦ୍ର ବାରିକ ଓ ଡାକ୍ତରଖାନାର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ। ବିଧାୟିକା ମହାନ୍ତ ଏହାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିବା ବେଳେ ଚମ୍ପୁଆ ଉପଖଣ୍ଡରେ ବଢୁଥିବା ଦୁର୍ଘଟଣା ଜନିତ ରୋଗୀମାନଙ୍କୁ ତୁରନ୍ତ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇ ପାରିବ ବୋଲି ସୂଚନା ଦେଇଥିଲେ। ଦୀର୍ଘ ଦିନରୁ ଏ ନେଇ ଦାବି ହୋଇ ଆସୁଥିବା ବେଳେ ଏହି ଉପଖଣ୍ଡ ଚିକିତ୍ସାଳୟ ଉପରେ ନିର୍ଭର କରି ଆସୁଥିବା ଝାଡଖଣ୍ଡ, ମୟୂରଭଞ୍ଜ ଓ ଚମ୍ପୁଆ ଉପଖଣ୍ଡର ରୋଗୀମାନେ ଏଥିରେ ସୁଫଳ ପାଇବେ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

# ‘ପ୍ରତିଷ୍ଠାତା ଦିବସ’ ସମାରୋହ

ଯୋଡ଼ା, ୪।୩(ଡି.ଏନ.ଏ.)

କେନ୍ଦୁଝର ଜିଲା ଯୋଡା ଟାଟାଷ୍ଟିଲ ପକ୍ଷରୁ ଯୋଡ଼ା ଠାରେ ଜାମସେଦ୍‌ଜୀ ନସରେୱାନ୍‌ଜୀ ଟାଟାଙ୍କ ୧୮୧ତମ ଜନ୍ମବାର୍ଷିକୀ ଅବସରରେ ମଙ୍ଗଳବାର ‘ପ୍ରତିଷ୍ଠାତା ଦିବସ’ ସମାରୋହ ପାଳିତ ହୋଇଯାଇଛି। ଟାଟା ଷ୍ଟିଲ ଯୋଡ଼ା ମୁଖ୍ୟ ରାଜେଶ କୁମାରଙ୍କ ସହ ଅନ୍ୟ କର୍ମଚାରୀମାନେ ଜେଏନ୍ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ ଟାଟା ଷ୍ଟିଲର ବରିଷ୍ଠ ଅଧିକାରୀ ଓ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ। ଶ୍ରଦ୍ଧାଞ୍ଜଳୀ ଅର୍ପଣ ପରେ କମ୍ପାନୀର ଅଧିକାରୀ ଓ କର୍ମଚାରୀମାନେ ଯୋଡ଼ାସ୍ଥିତ ଟାଟାଷ୍ଟିଲ ଡାକ୍ତରଖାନାରେ ରୋଗୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା। ଏହି ଅବସରରେ କମ୍ପାନୀର କର୍ମଚାରୀ ଓ ତାଙ୍କ ପରିବାର ବର୍ଗଙ୍କ ମଧ୍ୟରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାମାନ ଆୟୋଜିତ ହୋଇଥିଲା। ଉକ୍ତ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଏହାବ୍ୟତୀତ ପଶ୍ଚିମ ଯୋଡ଼ାସ୍ଥିତ ସାର ଦୋରାବଜୀ ଟାଟା ବଟାନିକାଲ ପାର୍କ, ସେଣ୍ଟେନାରୀ ପାର୍କ, ଏଫ୍‌ଏପି କାରଖାନା ସମ୍ମୁଖ ଓ ପୂର୍ବ ଯୋଡ଼ାସ୍ଥିତ ବର୍ଷା ଜଳ ସଂରକ୍ଷଣ ପାର୍କରେ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା।





ଟାଟାଷ୍ଟିଲ କମକର୍ତ୍ତାଙ୍କ ପକ୍ଷରୁ ଜେଏନ୍ ଟାଟାଙ୍କୁ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରାଯାଇଛି।

## ପୁରାତନ ଛାତ୍ର ସଂସଦ ଗଠିତ

କେନ୍ଦୁଝର, ୪।୩(ଡି.ଏନ୍.ଏ.)

କେନ୍ଦୁଝର ଜିଲାର ସର୍ବପୁରାତନ ଧରଣୀଧର ସ୍ୱୟଂଶାସିତ ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ଗଠିତ ହୋଇଛି। କାର୍ଯ୍ୟକାରୀ ସମିତିରେ ୨୬ଜଣ ପୁରାତନ ଛାତ୍ର ଥିବାବେଳେ ୫ଜଣ ଉପଦେଷ୍ଟା ରହିଛନ୍ତି। ପୂର୍ବତନ ଛାତ୍ର ସଂସଦ ସଭାପତି ଆଲୋକ ମିଶ୍ର ଏହି କମିଟିର ସଭାପତି ଥିବାବେଳେ ଆଶିଷ ଚକ୍ରବର୍ତ୍ତୀଙ୍କୁ ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଅନୀଲ କୁମାର ଦାସ,ବରଦା ପ୍ରସନ୍ନ ଦାସ,ରାମଚନ୍ଦ୍ର ରାଉତ ଓ ରାଧାକାନ୍ତ ମହାନ୍ତ ଉପସଭାପତି ମନୋନୀତ ହୋଇଥିବାବେଳେ ସୂର୍ଯ୍ୟନାରାୟଣ କର ଓ ଆଶିଷ ଆଚାର୍ଯ୍ୟ, ଯୁଗ୍ମ ସମ୍ପାଦକ, ରମେଶ ଚନ୍ଦ୍ର ମହାନ୍ତ କୋଷାଧ୍ୟକ୍ଷ ଭାବେ ମନୋନୀତ ହୋଇଛନ୍ତି। ପୂର୍ବତନ ବିଧାୟକ ସୁବର୍ଣ୍ଣ ନାଏକ, ପୂର୍ବତନ ଏମ୍‌ପି ମାଧବ ସର୍ଦ୍ଦାର, ବିପ୍ଲବ ମିଶ୍ର, ବିରଜା ମିଶ୍ର, ଜ୍ଞାନରଞ୍ଜନ ମିଶ୍ର, ଦେବାଶିଷ ମିଶ୍ର, ପ୍ରଦୀପ ମହାନ୍ତି, ସଞ୍ଜୀବ ବେହେରା, ତନ୍ମୟ ପଟ୍ଟନାୟକ, ପ୍ରତୀକ୍ ଗୌତମ ପ୍ରମୁଖ କାର୍ଯ୍ୟକାରୀ କମିଟିରେ ସ୍ଥାନ ପାଇଛନ୍ତି। ଉପଦେଷ୍ଟା କମିଟିରେ ସଦର ବିଧାୟକ ମୋହନ ଚରଣ ମାଝୀ, ବରିଷ୍ଠ ଆଇନଜୀବୀ ରୁଦ୍ରନାରାୟଣ ମହାନ୍ତ, ବରିଷ୍ଠ ଖବରଦାତା ଧୀରେନ୍ଦ୍ର ରାଉତ, ଦୀପକ ମିଶ୍ର, ସୁରେଶ ପଟ୍ଟନାୟକ ସ୍ଥାନ ପାଇଛନ୍ତି।

# ନାବାଳିକାଙ୍କୁ ବଳାତ୍କାର ଅଭିଯୋଗ

ବଡବିଲ, ୪।୩(ସ୍ୱ.ପ୍ର.)

**ଅଭିଯୁକ୍ତ ସମ୍ପର୍କୀୟ ଜେଜେ ଫେରାର**

କେନ୍ଦୁଝର ଜିଲା ବଡବିଲ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ବଳାତ୍କାର ନେଇ ଅଭିଯୋଗ ହୋଇଛି। ଗତ ମଙ୍ଗଳବାର ଅପରାହ୍ନରେ ନାବାଳିକା ନିଜ ବାଡିରେ ଥିବା ଶାଗ କିଆରୀରୁ ଶାଗ ତୋଳିବାକୁ ଯାଇଥିବାବେଳେ ତାଙ୍କ ସମ୍ପର୍କୀୟ ଜେଜେ ବଳାତ୍କାର କରିଥିଲେ। କୌଣସିମତେ ନାବାଳିକା ଜଣକ ସେଠାରୁ ଖସି ପଳାଇ ଆସିଥିଲାବେଳେ ଅଭିଯୁକ୍ତ ଜଣକ ଫେରାର ହୋଇଯାଇଛନ୍ତି। ନାବାଳିକାଙ୍କ ଭାଇ ଏ ନେଇ ପୋଲିସକୁ ଖବର ଦେବାପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଘଟଣା ସମ୍ପର୍କରେ ବୁଝାବୁଝି କରି ଫେରିଆସିଥିଲେହେଁ କୌଣସି ମାମଲା ରୁଜୁ କରି ନ ଥିଲା। ବୁଧବାର ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶଙ୍କୁ ଘଟଣା ସମ୍ପର୍କରେ ପଚାରିବାରୁ ସେ କହିଥିଲେ ଯେ, ଥାନାର ମହିଳା ପୋଲିସ ଅଫିସର ଘଟଣାସ୍ଥଳକୁ ଯାଇଥିଲେହେଁ ଲିଖିତ ଅଭିଯୋଗ ନ ଥିବାରୁ ମାମଲା ରୁଜୁ ହୋଇପାରି ନ ଥିଲା। ପିଡିତାଙ୍କ ମା’ ଥାନାରେ ଲିଖିତ ଏତଲା ଦେବାପରେ ବଡବିଲ ଥାନାରେ ପୋକସୋ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଥିଲା। ଅଭିଯୁକ୍ତଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ଆଇଆଇସି କହିଛନ୍ତି।

# ନିଖୋଜ ନାବାଳିକାଙ୍କୁ ମିଳିଲା ଘର ଠିକଣା

କେନ୍ଦୁଝର, ୪।୩ (ସ୍ୱ.ପ୍ର.)

୪ବର୍ଷ ତଳେ ନିଖୋଜ ଥିବା ଜଣେ ୧୨ବର୍ଷୀୟା ନାବାଳିକା ଘର ଠିକଣା ପାଇ ମଙ୍ଗଳବାର ବାପା, ଭାଇ ନିକଟକୁ ଫେରିଆସିଛନ୍ତି। ତାଙ୍କୁ ଫେରି ପାଇ ପରିବାର ଲୋକ ଓ ଗ୍ରାମବାସୀ ଖୁସିରେ ଆତ୍ମହରା ହୋଇପଡ଼ିଛନ୍ତି।

ଘଟଣାଟି ଏହିପରି। ଉକ୍ତ ନାବାଳିକାଙ୍କ ଘର କେନ୍ଦୁଝର ଜିଲା ହରିଚନ୍ଦନପୁର ବ୍ଲକର ଭଗାମୁଣ୍ଡା ଅଞ୍ଚଳରେ। ପିଲା ବେଳେ ତାଙ୍କ ମା’ଙ୍କ ଦେହାନ୍ତ ହୋଇଯିବାରୁ ସେ ବାପା ଓ ଭାଇ ଙ୍କ ସହିତ ରହୁଥିଲେ। ଥରେ ସେ ବାପା ଓ ଭାଇ ଙ୍କ ସହିତ ନିକଟସ୍ଥ ଗ୍ରାମକୁ ଯାଇଥିବା ବେଳେ ସେଠାରୁ ହଜିଯାଇଥିଲେ। ତାଙ୍କୁ ଜଣେ ମହିଳା ପାଇ କୁଆଡେ ନେଇଯାଇଥିଲେ ବୋଲି କୁହାଯାଉଛି। ସେବେଠାରୁ ସେ କୌଣସି ଏକ ଗ୍ରାମରେ ଜଣଙ୍କ ଘରେ ରହି ହାଣ୍ଡିଆ ବିକି ଚଳୁଥିଲେ। ଗତବର୍ଷ ଅଗଷ୍ଟ ୪ ତାରିଖରେ କାଦକଳା ଗ୍ରାମ ନିକଟ ଏକ ଲୁଗା ଦୋକାନ ପାଖରେ ବସି ସେ କାନ୍ଦୁଥିବା ଅବସ୍ଥାରେ ଗ୍ରାମବାସୀ ଚାଇଲଡ ଲାଇନକୁ ସୂଚନା ଦେଇଥିଲେ। ଚାଇଲଡ ଲାଇନ କର୍ମକର୍ତ୍ତା ତାଙ୍କୁ ଉଦ୍ଧାର କରି କେନ୍ଦୁଝର ସ୍ଥିତ ମୁକ୍ତାଶ୍ରୟ କେନ୍ଦ୍ରରେ ଆଣି ଛାଡିଥିଲେ । ସେ ମୁଣ୍ଡା ଭାଷା ଛଡା ଅନ୍ୟ କିଛି ଭାଷା ଜାଣି ନ ଥିବାରୁ ତାଙ୍କ ଘର ଠିକଣା ଜଣାପଡି ନ ଥିଲା। ପରେ ମୁକ୍ତାଶ୍ରୟ କର୍ତ୍ତୃପକ୍ଷ ତାଙ୍କ ଘର ଭଗାମୁଣ୍ଡା ଅଞ୍ଚଳରେ ଜାଣିବାକୁ ପାଇଥିଲେ। ଏହାପରେ ଶିଶୁ ମଙ୍ଗଳ କମିଟିର ପରାମର୍ଶ କ୍ରମେ ମୁକ୍ତାଶ୍ରୟର ମମତାରାଣୀ ମହାନ୍ତ ଓ ଅବିନାଶ ଦ୍ୱିବେଦୀ ଭଗାମୁଣ୍ଡା ଅଞ୍ଚଳକୁ ଯାଇ ସେଠାରେ ଜଙ୍ଗଲ ରାସ୍ତାରେ ବିଭିନ୍ନ ଗ୍ରାମ ବୁଲିବା ପରେ ପ୍ରକୃତ ଠିକଣା ମିଳିଥିଲା। ଏହାପରେ ତାଙ୍କୁ ତାଙ୍କ ଭାଇଙ୍କୁ ସେମାନେ ଏହି ନାବାଳିକାଙ୍କୁ ହସ୍ତାନ୍ତର କରିଥିଲେ। ଝିଅ ହଜିବା ଦିନ ଠାରୁ ତାଙ୍କ ବାପାଙ୍କ ମାନସିକ ସ୍ଥିତି ଭଲ ନ ଥିଲା । ଝିଅର ସନ୍ଧାନ ପାଇଁ ସେ ଏଣେତେଣେ ଘୂରି ବୁଲୁଥିଲେ ବୋଲି ଗ୍ରାମବାସୀ କହିଛନ୍ତି।

# ସୁରକ୍ଷାକର୍ମୀଙ୍କୁ ଟ୍ରକ୍ ଚପାଇ ହତ୍ୟା ଉଦ୍ୟମ

ବଡବିଲ, ୪।୩(ସ୍ୱ.ପ୍ର.)





ଟ୍ରକର ସମ୍ମୁଖସ୍ଥ ଉଭୟ କାଚରେ ହୋଇଥିବା ଛିଦ୍ର।

**■ଟ୍ରକ ଜବତ, ଚାଳକ ଗିରଫ**

**■ଘଟଣାସ୍ଥଳରେ ଗୁଳିଚାଳନା ନେଇ ଚର୍ଚ୍ଚା**

ଦୁଇ ଜଣ ସୁରକ୍ଷାକର୍ମୀଙ୍କୁ ଟ୍ରକ ଚପାଇ ହତ୍ୟା ଉଦ୍ୟମ କରାଯିବା ଅଭିଯୋଗକ୍ରମେ କେନ୍ଦୁଝର ଜିଲା ବଡବିଲ ଥାନା ପୋଲିସ ଏକ ମାମଲା ରୁଜୁ କରି ଟ୍ରକ୍‌କୁ ଜବତ କରିବା ସହ ଡ୍ରାଇଭର ଜୁଲୁ ବେହେରାଙ୍କୁ ଗିରଫ କରିଛି। ପୋଲିସ ସୂଚନା ଅନୁଯାୟୀ ମଙ୍ଗଳବାର ବିଳମ୍ବିତ ରାତିରେ ଓଡି୦୪ଏଚ୦୦୩୭ ନମ୍ବର ବିଶିଷ୍ଟ ଟ୍ରକ ଭଦ୍ରାସାହି ପଟୁ ରୁଗୁଡି ଅଭିମୁଖେ ଯାଉଥିଲା। ଟଂଟୋ ନିକଟରେ ଟ୍ରକଟି ପହଞ୍ଚିବା ପରେ ସେଠାରେ ନିୟୋଜିତ ଘରୋଇ କମ୍ପାନୀ ସୁରକ୍ଷାକର୍ମୀ ଏହାକୁ ଅଟକାଇଥିଲେ। ଏହି ସମୟରେ ଟ୍ରକ ଚାଳକ ସେମାନଙ୍କ ଉପରେ ଟ୍ରକ ଚପାଇ ଦେବାକୁ ଉଦ୍ୟମ କରିଥିଲେ। ଏ ସମ୍ପର୍କରେ ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରିବା ସହ ଚାଳକ ଜୁଲଙ୍କୁ ଗିରଫ କରିଥିଲେ। ଏ ନେଇ ଥାନାରେ ଦଫା ୩୦୭ରେ ଏକ ମାମଲା (ନଂ ୩୦/୨୦୨୦) ରୁଜୁ କରାଯାଇ ଅଧିକ ତଦନ୍ତ କରାଯାଇଛି ବୋଲି ବଡବିଲ ଥାନା ଆଇଆଇସି ସୁଶାନ୍ତ ଦାଶ କହିଛନ୍ତି। ଅନ୍ୟପକ୍ଷେ ଘଟଣାକୁ ଭିନ୍ନ ରୂପ ଦେବାପାଇଁ ସେଠାରେ ଟ୍ରକ ଚାଳକ କିମ୍ବା କେହି ଟ୍ରକ ଉପରକୁ ଗୁଳିମାଡ଼ କରିଥିବା ସୁରକ୍ଷାକର୍ମୀ ଦର୍ଶାଇଛନ୍ତି। ଟ୍ରକର ସମ୍ମୁଖ ଭାଗ କାଚରେ ଦୁଇଟି ଗୁଳି ମାଡ଼ର ଚିହ୍ନ ରହିଛି। ତେବେ ବନ୍ଧୁକ କିମ୍ବା ଗୁଳି ମିଳି ନ ଥିବାରୁ ଏଭଳି ଅଭିଯୋଗର ସତ୍ୟତା ନେଇ ପୋଲିସ ସନ୍ଦେହ ପ୍ରକାଶ କରିଛି।

## ଚୋରା ଲୁହାପଥର ବୋଝେଇ ଟ୍ରକ୍ ଜବତ

ଯୋଡ଼ା, ୪।୩(ଡି.ଏନ.ଏ.)

ଯୋଡା ଥାନା ଅନ୍ତର୍ଗତ ବେହେରା ହଟିଂ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଚୋରା ଲୁହାପଥର ବୋଝେଇ କରୁଥିବା ବେଳେ ପୋଲିସ ଚଢାଉ କରି ଏକ ଟ୍ରକକୁ ଜବତ କରିଥିବା ଜଣାପଡିଛି। ମଙ୍ଗଳବାର ବିଳମ୍ବିତ ରାତି ପ୍ରାୟ ସାଢ଼େ ୨ଟାରେ ବେହେରା ହଟିଂ ଠାରେ ଥିବା ଏକ କ୍ରସର ନିକଟରେ ୧୦ ଚକିଆ ଟ୍ରକ ଉନ୍ନତ ମାନର ସାଇଜ୍ ଲୁହାପଥର ବୋଝେଇ କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଆଇଆଇସି ରାଇସେନ୍ ମୁର୍ମୁ ସଦଳବଳ ଚଢାଉ କରିଥିଲେ। ଏହି ଚଢାଉ ବେଳେ ଅନ୍ଧାରର ସୁଯୋଗ ନେଇ ଟ୍ରକର ଡ୍ରାଇଭର ଏବଂ ଏହି କାରବାରରେ ସମ୍ପୃକ୍ତ ଥିବା ଅନ୍ୟ ଚୋରମାନେ କୌଶଳ କ୍ରମେ ଖସିଯାଇଥିଲେ। ପୋଲିସ ଅଧାରୁ ଅଧିକ ଉନ୍ନତମାନର ସାଇଜ୍ ଲୁହାପଥର ବୋଝେଇ ହୋଇଥିବା ଟ୍ରକକୁ ଜବତ କରିଥିଲା। ତେବେ ଏହି ଜବତ ହୋଇଥିବା ଖଣିଜ କାହାର ଏବଂ କେଉଁଠାରୁ ଆସିଲା ଏନେଇ ପୋଲିସ ତଦନ୍ତ ଆରମ୍ଭ କରିଛି।



ଚୋରା ଖଣିଜ ବୋଝେଇ ଟ୍ରକ ।

# ସତ୍ୟପ୍ରସନ୍ନ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ

କେନ୍ଦୁଝର, ୪।୩(ଡି.ଏନ୍.ଏ.)

କେନ୍ଦୁଝର ମାଇନିଂ ସ୍କୁଲ ପଡିଆରେ ଚାଲିଥିବା ସତ୍ୟପ୍ରସନ୍ନ ଦିବାରାତ୍ର ଟି-୨୦ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ଝାରସୁଗୁଡାର ପ୍ରୋଗ୍ରେସିଭ୍ ଆସୋସିଏସନ୍‌କୁ ପରାସ୍ତ କରି ଯାଜପୁର ଅଲେଖ ୱାରିୟର୍ସ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ ହୋଇଛି। ଶଙ୍କର ସ୍ପୋର୍ଟିଂ କ୍ରିକେଟ ଏକାଡେମୀ ଆନୁକୂଲ୍ୟରେ ଅନୁଷ୍ଠିତ ଏହି ଜାତୀୟସ୍ତରୀୟ ଟୁର୍ନାମେଣ୍ଟର ଦ୍ୱିତୀୟ ମ୍ୟାଚ୍‌ରେ ଯାଜପୁରର ଅଲେଖ ୱାରିୟର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୭୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଝାରସୁଗୁଡାର ପ୍ରୋଗ୍ରେସିଭ୍ ଆସୋସିଏସନ୍ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ହରାଇ ମାତ୍ର ୧୫୯ ରନ୍ କରି ପରାଜିତ ହୋଇଥିଲା। ଦଳ ପକ୍ଷରୁ ପୁଷ୍କର ରାଜ ୫୦ ବଲରେ ୪ଟି ଛକା ଓ ୬ଟି ଚଉକା ସହାୟତାରେ ୭୯ ରନ୍ ଏବଂ ରାଜକିଶନ ପଟେଲ ୨୭ଟି ବଲରେ ଗୋଟିଏ ଛକା ଓ ୩ଟି ଚଉକା ସହାୟତାରେ ୩୯ରନ୍ କରିବାକୁ ସକ୍ଷମ ହୋଇଥିଲା। ଯାଜପୁରର ଅଲେଖ ୱାରିୟର୍ସର ପବନ କୁମାର ୪ ଓଭରରେ ୩୧ରନ୍ ଦେଇ ୪ଟି ଉଇକେଟ ଓ ସୁପ୍ରିୟ ଚକ୍ରବର୍ତ୍ତୀ ୪ ଓଭରରେ ୨୧ରନ୍ ଦେଇ ୨ ଉଇକେଟ ନେଇଥିଲେ। ଅମ୍ପାୟାର ଶରତ ଚନ୍ଦ୍ର ସାହୁ ଓ ଖଗେଶ୍ୱର ମଲ୍ଲିକ ମ୍ୟାଚ୍ ପରିଚାଳନା କରିଥିବାବେଳେ ଦେବୀ ମିଶ୍ର ତୃତୀୟ ଅମ୍ପାୟାର ଓ ଅମରେଶ ଚକ୍ର ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଯାଜପୁରର ଅଲେଖ ୱାରିୟର୍ସର ସୁପ୍ରିୟ ଚକ୍ରବର୍ତ୍ତୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ।

ସେହିପରି ସମ୍ବଲପୁର ଆଭାର ଟାଇଗର ଏବଂ କେନ୍ଦୁଝର ଏକାଦଶ ମଧ୍ୟରେ ତୃତୀୟ ମ୍ୟାଚ୍ ହୋଇଥିଲା। କେନ୍ଦୁଝର ଏକାଦଶ ଟସ୍ ଜିତି ପ୍ରଥମେ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲା। ବ୍ୟାଟିଂ ଆମନ୍ତ୍ରଣ ପାଇ ସମ୍ବଲପୁର ଆଭାର ଟାଇଗର ୧୮.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୦୭ ରନ୍ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ସୁମିତ ପାଢୀ ୨୫ଟି ବଲରେ ୨ଟି ଛକା ଓ ଗୋଟିଏ ଚଉକା ସହାୟତାରେ ୨୭ରନ୍ କରିଥିଲେ। କେନ୍ଦୁଝର ଏକାଦଶର ବିପୁଲ ରାଉତ ୪ଓଭରରେ ୨୩ରନ୍ ଦେଇ ୪ଟି ଉଇକେଟ, ଶୁଭ୍ରାଂଶୁ ସେନାପତି ୪ ଓଭରରେ ୧୯ରନ୍ ଦେଇ ୨ଟି, ସୁଜିତ ବାରିକ ୪ଓଭରରେ ୧୬ରନ୍ ଦେଇ ୨ଟି ଓ ଇମ୍ରାନ୍ ଖାନ୍ ୪ ଓଭରରେ ୧୬ରନ୍ ଦେଇ ୨ଟି ଉଇକେଟ ନେଇଥିଲେ। ୧୦୮ ରନ୍‌ର ବିଜୟଲକ୍ଷ୍ୟ ନେଇ କେନ୍ଦୁଝର ଏକାଦଶ ୧୩.୩ ଓଭରରେ ୨ ଉଇକେଟ ବିନିମୟରେ ୧୦୯ ରନ୍ କରି ୮ଉଇକେଟରେ ବିଜୟୀ ହୋଇଥିଲା।



ଅତିଥିଙ୍କ ଦ୍ୱାରା ଖେଳାଳିଙ୍କୁ ପୁରସ୍କୃତ କରାଯାଉଛି।

